**ଆବଶ୍ୟକ**

ମାସିକ ଖବରକାଗଜ ଆପଣଙ୍କ ସ୍ୱର ଓଡିଶାର ସମସ୍ତ ଜିଲ୍ଲା ଓ ବ୍ଲକରେ ପ୍ରତିନିଧି ଆବଶ୍ୟକ କରୁଛି । ଇଚ୍ଛୁକ ପ୍ରାର୍ଥୀମାନେ ଆମର ଇମେଲ ଆଇଡି apanankaswar@gmail.com ରେ ନିଜର ବାୟୋଡାଟା ପଠାଇବା ସହ ସହ ମୋବାଇଲ ନଂ 7978443815ରେ ଯୋଗାଯୋଗ କରନ୍ତୁ ।

-ସଂପାଦକ

Email id apanankaswar@gmail.com

# ଆପଣଙ୍କ ସ୍ୱର

ନିରପେକ୍ଷ ମାସିକ ଖବରକାଗଜ

ଆପଣଙ୍କ ସ୍ୱର ଆମର ଶକ୍ତି

PRGI/R.N.I No: ORMUL/25/A5279

Apananka Swar



ଅଜୟ କୁମାର ବେହେରା

ପ୍ରତିଷ୍ଠାତା ସଂପାଦକ

ଆପଣଙ୍କ ସ୍ୱର

Vol. 01 | Issue -07 | ଭାଗ-୦୧ | ସଂଖ୍ୟା-୦୭ | Jajpur 01-31, July 2026 | Rs. 2.00 | Pages - 08 | ଯାଜପୁର ୦୧-୩୧ ଜୁଲାଇ ୨୦୨୬ | ମୂଲ୍ୟ ୨.୦୦ ଟଙ୍କା | ପୃଷ୍ଠା-୦୮

## ସ୍ନାନବେଦୀରୁ ଭକ୍ତଙ୍କୁ ହାତୀବେଶରେ ଦର୍ଶନ ଦେଲେ ମହାପ୍ରଭୁ

ପୁରୀ ୩୦/୬(ଆପଣଙ୍କ ସ୍ୱର) : ଜଗତ ସାଆନ୍ତ ସ୍ନାନବେଦୀକୁ ଆସିଛନ୍ତି । ରତ୍ନବେଦୀ ଛାଡ଼ି ସ୍ନାନବେଦୀରେ ଲୀଳାଖେଳା କରିଛନ୍ତି । ବଡ଼ଦାଣ୍ଡରୁ ମହାମାନବୀୟ ସ୍ନାନଲୀଳା ସଂଦର୍ଶନ କରିଛନ୍ତି ଭକ୍ତ । ଦୁର୍ଲଭ ହାତୀବେଶରେ ଦର୍ଶନ ଦେଇ କୃତାର୍ଥ କରୁଛନ୍ତି ମର୍ତ୍ତ୍ୟ ବୈକୁଣ୍ଠ



ଅଧିପତି । ଭକ୍ତମାନେ ହାତୀବେଶ ଦର୍ଶନ କରି ନିଜକୁ ଧନ୍ୟମନେ କରୁଛନ୍ତି । ଭଗବାନଙ୍କ ଅତି ପ୍ରିୟ ଭକ୍ତମାନଙ୍କର ଆଖିରୁ ଆନନ୍ଦାଶ୍ରୁ ଝରିପଡୁଛି । ମହାପ୍ରଭୁଙ୍କର ଏହି ଦିବ୍ୟବେଶ ଦର୍ଶନ ପାଇଁ ଶ୍ରୀକ୍ଷେତ୍ରକୁ ଭକ୍ତଙ୍କ ସୁଅ ଛୁଟିଛି । ଶ୍ରୀକ୍ଷେତ୍ର ଜନସମୁଦ୍ରରେ ପରିବର୍ତ୍ତନ ହୋଇଛି । ବଡ଼ଦାଣ୍ଡରେ ଲୋକାରଣ୍ୟ ପରିବେଶ ସୃଷ୍ଟି ହୋଇଛି । ମହାବାହୁ ସୁନାକୂଅର ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିଛନ୍ତି । ଲକ୍ଷ ଲକ୍ଷ ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ମାର୍କେଟ୍ ଛକରୁ ଛାମୁଡିଆ ସହ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଛି । ସୂଚନାଯୋଗ୍ୟ, ସୋମବାର ଭୋର୍ ୫ଟାରୁ ମହାପ୍ରଭୁଙ୍କ ପହଣ୍ଡି ଆରମ୍ଭ ହୋଇ ସକାଳ ୭ଟା ୨୯ ସୁଦ୍ଧା ଶେଷ ହୋଇଥିଲା । ମହାପ୍ରଭୁ ଧାଡ଼ି ପହଣ୍ଡିରେ ଆସି ସ୍ନାନବେଦୀରେ ବିରାଜମାନ କରିଥିଲେ । ଦିନ ୧୨ଟା ୨୦ରୁ ୨ଟା ମଧ୍ୟରେ ଜଳ ବିଜେ, ପୂଜା ଓ ସ୍ନାନବିଧି ଅନୁଷ୍ଠିତ ହୋଇଥିଲା । ସ୍ନାନ ମଣ୍ଡପରେ ଜଳ ବିଜେ ପୂର୍ବରୁ ପ୍ରତିହାରୀ (ପୃଷ୍ଠା-୭ ଦେଖନ୍ତୁ)

## ସେପ୍ଟେମ୍ବରରେ ମୋଦିଙ୍କ କ୍ୟାବିନେଟରେ ଅଦଳବଦଳ !

ଭୁବନେଶ୍ୱର୩୦/୬(ଆପଣଙ୍କ ସ୍ୱର) : ସଂସଦର ମୌସୁମୀ ଅଧିବେଶନ ପୂର୍ବରୁ କେନ୍ଦ୍ର କ୍ୟାବିନେଟ ସଂପ୍ରସାରଣ ହେବ ନାହିଁ । କେନ୍ଦ୍ର ସରକାର ଏବେ ମନ୍ତ୍ରିମଣ୍ଡଳ ଅଦଳବଦଳ ଅପେକ୍ଷା ପ୍ରମୁଖ ବିଧେୟକ ଉପରେ ଗୁରୁତ୍ୱ ଦେଉଛନ୍ତି । ମୌସୁମୀ ଅଧିବେଶରେ ସରକାର ଏକାଧିକ ବିଧେୟକ ଆଣି ଏହାକୁ ପାରିତ କରିବା ଲକ୍ଷ୍ୟରେ ରହିଛନ୍ତି । ତେଣୁ ମନ୍ତ୍ରିମଣ୍ଡଳ ଅଦଳବଦଳ ଚର୍ଚ୍ଚା ସରକାରୀ ସ୍ତରରେ ବନ୍ଦ କରାଯାଇଥିବା ଜଣାପଡ଼ିଛି ।

ଜୁଲାଇ ତୃତୀୟ ସପ୍ତାହ, ସମ୍ଭବତଃ ଜୁଲାଇ ୨୦ରୁ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବ । ତେଣୁ ମୌସୁମୀ ଅଧିବେଶ ପରେ ଅର୍ଥାତ ସେପ୍ଟେମ୍ବରରୁ ଅକ୍ଟୋବର ମାସରେ ମୋଦି ସରକାର ନିଜ କ୍ୟାବିନେଟ ସଂପ୍ରସାରଣ କରିପାରନ୍ତି ।କେନ୍ଦ୍ର ସରକାରଙ୍କ ଏବେ ମୌସୁମୀ ଅଧିବେଶନରେ କେମିତି ସୀମା ପୁନଃ ନିର୍ଦ୍ଧାରଣ ଓ ଗୋଟିଏ ଦେଶ ଗୋଟିଏ ନିର୍ବାଚନ ବିଧେୟକ ସମେତ ଗୁରୁତ୍ୱପୂର୍ଣ୍ଣ ବିଲଗୁଡ଼ିକ ପାସ୍ ହେବ, ତା'ଉପରେ ଧ୍ୟାନ କେନ୍ଦ୍ରିତ କରିଛନ୍ତି ।ଅଧିବେଶନ ପୂର୍ବରୁ କ୍ୟାବିନେଟ୍ ସଂପ୍ରସାରଣ କଲେ ପଦ ହରାଇବାକୁ ଥିବା ନେତାମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିପାରେ ।ଏହା ବିଧେୟକ ପାରିତ କରିବାରେ ସମସ୍ୟା ସୃଷ୍ଟି କରିବାର ଯଥେଷ୍ଟ ଆଶଙ୍କା ରହିଛି । ଉଭୟ ସଦନରେ ଦୁଇ-ତୃତୀୟାଂଶ ସଂଖ୍ୟା ଗରିଷ୍ଠତା ନଥିବାରୁ ଗୁରୁତ୍ୱପୂର୍ଣ୍ଣ ଭୋଟିଂ ପୂର୍ବରୁ ସରକାର କୌଣସି ରାଜନୀତିକ ଗୋଟି ଚାଳନା କରିବା ମୁଡରେ ନାହାନ୍ତି । ଅଧିବେଶନ ପରେ କ୍ୟାବିନେଟ୍ ସଂପ୍ରସାରଣ ଲୋଭ ଦେଖାଇ ସରକାର ଆବଶ୍ୟକ ସମର୍ଥନ ହାସଲ କରିବାକୁ ମଧ୍ୟ ରଣନୀତିକ ପ୍ରସ୍ତୁତ କରିଥିବା କୁହାଯାଉଛି ।

ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବ୍ୟସ୍ତ କାର୍ଯ୍ୟସୂଚୀ ଯୋଗୁ ମୌସୁମୀ ଅଧିବେଶନ ପୂର୍ବରୁ କ୍ୟାବିନେଟ୍ ସଂପ୍ରସାଣର ପାଇଁ ହାତରେ ସମୟ ଖୁବ



କମ୍ ରହିଛି । ସେହିପରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବେ ଦୁଇ ଦିନିଆ ଆନ୍ଧ୍ର ପ୍ରଦେଶ ଗସ୍ତରେ ଅଛନ୍ତି । ସେ ଜୁଲାଇ ୧ ତାରିଖ ସନ୍ଧ୍ୟାରେ ଫେରିବେ ।

ଜୁଲାଇ ୧ରୁ ୩ ପର୍ଯ୍ୟନ୍ତ ଜାପାନ ପ୍ରଧାନମନ୍ତ୍ରୀଙ୍କ ଭାରତ ଗସ୍ତ ପାଇଁ ମୋଦି ବ୍ୟସ୍ତ ରହିବେ । ଜୁଲାଇ ୪ରେ ସେ ରାଜସ୍ଥାନ ଗସ୍ତ କରିବେ । ଜୁଲାଇ ୬ରୁ ୧୧ ପର୍ଯ୍ୟନ୍ତ ସେ ଇଣ୍ଡୋନେସିଆ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲ୍ୟାଣ୍ଡ ଯିବେ ।

ମୌସୁମୀ ଅଧିବେଶନ ପୂର୍ବରୁ କେବଳ ଜୁଲାଇ ୫ ତାରିଖରେ କୌଣସି ସରକାରୀ କାର୍ଯ୍ୟକ୍ରମ ନାହିଁ । ଏହାବାଦ ଜୁଲାଇ ୨୦ ପୂର୍ବରୁ କ୍ୟାବିନେଟ୍ ସମ୍ପ୍ରସାରଣ ହେଲେ ମଧ୍ୟ ନୂଆ ମନ୍ତ୍ରୀମାନଙ୍କ ପାଖରେ ଅଧିବେଶନ ପାଇଁ ପ୍ରସ୍ତୁତ ହେବାକୁ ଖୁବ କମ୍ ସମୟ ରହିବ । ତେଣୁ ମନ୍ତ୍ରିମଣ୍ଡଳ ଅଦଳବଦଳର ସମ୍ଭାବନା ବହୁତ କମ୍ ।

କିନ୍ତୁ ଶେଷ ମୁହୂର୍ତ୍ତରେ ଅପ୍ରତ୍ୟାଶିତ ପଦକ୍ଷେପ ନେବାରେ ମୋଦି ସରକାର ବେଶ ମାହିର । ୨୦୨୧ ଜୁଲାଇ ୭ରେ ସଂସଦ ଅଧିବେଶନ ପୂର୍ବରୁ ମୋଦି ସରକାର କ୍ୟାବିନେଟରେ ବଡ଼ଧରଣର ଅଦଳବଦଳ କରିଥିଲେ । ସେତେବେଳେ ୧୨ ଜଣ ବରିଷ୍ଠ ମନ୍ତ୍ରୀଙ୍କୁ ବାଦ ଦିଆଯାଇଥିବା ବେଳେ ୩୬ ଜଣ ନୂଆ ମନ୍ତ୍ରୀଙ୍କୁ ସାମିଲ କରାଯାଇଥିଲା ।

ଜର୍ଜ କୁରିଏନ ରାଜ୍ୟସଭା କାର୍ଯ୍ୟକାଳ ଶେଷ ହେବା ପରେ ସଂଖ୍ୟାଲଘୁ ବ୍ୟାପାର ରାଜ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି । ରବନୀତ ସିଂହ ବିଟ୍ଟୁ ସଂସଦର କୌଣସି ସଦନର ସଦସ୍ୟ ନଥିଲେ ମଧ୍ୟ କେନ୍ଦ୍ରମନ୍ତ୍ରୀ ଭାବେ କାର୍ଯ୍ୟ ଜାରି ରଖିଛନ୍ତି । ଅର୍ଥ ରାଜ୍ୟମନ୍ତ୍ରୀ ପଙ୍କଜ ଚୌଧୁରୀଙ୍କୁ ଉତ୍ତରପ୍ରଦେଶ ବିଜେପି ସଭାପତି ଓ ହର୍ଷ ମାଲହୋତ୍ରାଙ୍କୁ ଦିଲ୍ଲୀ ବିଜେପି ସଭାପତି କରାଯାଇଛି । 'ଜଣେ ବ୍ୟକ୍ତି, ଗୋଟିଏ ପଦ' ନୀତି ଅନୁସାରେ ସେମାନଙ୍କୁ ମନ୍ତ୍ରିମଣ୍ଡଳରୁ ହଟାଯିବ କି ନାହିଁ, ତାହା ଉପରେ ବି ଏବେ ସମସ୍ତଙ୍କ ନଜର ରହିଛି । କିନ୍ତୁ ଉତ୍ତରପ୍ରଦେଶ ନିର୍ବାଚନ ପୂର୍ବରୁ ପଙ୍କଜ ଚୌଧୁରୀଙ୍କୁ ମନ୍ତ୍ରିମଣ୍ଡଳରୁ ହଟାଇବା କୁର୍ମି ସମ୍ପ୍ରଦାୟ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିପାରେ । ଭୁଲ ବାର୍ତ୍ତା ଦେଇପାରେ ।

ମେ ୨୧ରେ ମନ୍ତ୍ରୀମାନଙ୍କ କାର୍ଯ୍ୟଦକ୍ଷତାର ସମୀକ୍ଷା କରିଥିଲେ ପ୍ରଧାନମନ୍ତ୍ରୀ (ପୃଷ୍ଠା-୭ ଦେଖନ୍ତୁ)




ଏକ ସୁସ୍ଥ, ନିର୍ଭୀକ ଓ ନିରପେକ୍ଷ ଖବରକାଗଜକୁ ସାହାଯ୍ୟ କରନ୍ତୁ, ଆପଣଙ୍କ ସହାୟତା ଆମକୁ ଆଗକୁ ଯିବାକୁ ନିଶ୍ଚିତ ଇନ୍ଧନ ଯୋଗାଇବ । ଆପଣଙ୍କ ସ୍ୱର ର ଏହି ସ୍କାନର ମାଧ୍ୟମରେ ଆପଣଙ୍କ ସହାୟତା ରାଶି ପଠାନ୍ତୁ ।

## ଶିଳ୍ପାୟନ ରେସରେ ସବୁ ରେକର୍ଡ଼ ଭାଙ୍ଗିବ ଓଡ଼ିଶା

ଭୁବନେଶ୍ୱର, ୩୦/୬(ଆପଣଙ୍କ ସ୍ୱର) : ଓଡ଼ିଶାର ବିକାଶରେ ଶିଳ୍ପାୟନର ବଡ଼ ଯୋଗଦାନ ରହିବ । ସିଆଇଆଇ - ଇଷ୍ଟର୍ଣ୍ଣ ରିଜିଓନାଲ କାଉନସିଲ ବୈଠକ ୨୦୨୬ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ଶିଳ୍ପ ବିକାଶ ଓ ଆଞ୍ଚଳିକ ଅଭିବୃଦ୍ଧି ପାଇଁ ନୂଆ ରୋଡ୍ମ୍ୟାପ୍ ଉପସ୍ଥାପନ କରିଛନ୍ତି । ଓଡ଼ିଶା ସହ ସମଗ୍ର ପୂର୍ବ ଭାରତର ରାଜ୍ୟ ଗୁଡ଼ିକର ଶିଳ୍ପାୟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ




ଏକ ଯୁଗାନ୍ତକାରୀ ନୂଆ ପ୍ଲାଟଫର୍ମ "ଗୋ ଇଷ୍ଟ' ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ନୂତନ ପଦକ୍ଷେପ ମାଧ୍ୟମରେ ସମଗ୍ର ପୂର୍ବାଞ୍ଚଳ ଓ ପୂର୍ବୋତ୍ତର ରାଜ୍ୟର ଶିଳ୍ପ ଗୋଷ୍ଠୀ ଗୁଡ଼ିକ ତାଙ୍କ ନିଜ ରାଜ୍ୟରେ ତାଙ୍କର ଇଣ୍ଡଷ୍ଟ୍ରିଆଲ୍ ବେସ୍ ଓ ମାର୍କେଟ୍କୁ ସୁରକ୍ଷିତ ରଖି ଓଡ଼ିଶାରେ ନିବେଶ କରିବାକୁ ବ୍ୟାପକ ସୁଯୋଗପାଇବେ । ଗତ ୨ବର୍ଷରେ ଓଡ଼ିଶାର ଶିଳ୍ପାୟନ ବ୍ୟାପକ ସ୍ତରରେ ପହଞ୍ଚିଛି । ଆଗାମୀ ୫ବର୍ଷରେ ଶିଳ୍ପାୟନ ଓ ଅଭିବୃଦ୍ଧି କ୍ଷେତ୍ରରେ ଓଡ଼ିଶା ପୂର୍ବ ଭାରତର ଶ୍ରେଷ୍ଠ ରାଜ୍ୟରେ ପରିଣତ ହେବ ।

ସିଆଇଆଇ - ଇଷ୍ଟର୍ଣ୍ଣ ରିଜିଓନାଲ କାଉନସିଲ ବୈଠକ ୨୦୨୬ରେ ମୁଖ୍ୟମନ୍ତ୍ରୀ କହିଲେ, ଗୋ ଇଷ୍ଟ ନୀତି ଅଧୀନରେ ରାଜ୍ୟରେ ଏକ ଉଚ୍ଚସ୍ତରୀୟ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ କରାଯିବ, ଯାହା ସମସ୍ତ ନିବେଶ ପ୍ରକଳ୍ପ ଗୁଡ଼ିକୁ ତ୍ୱରାନ୍ୱିତ କରିବ । ନିବେଶ ପ୍ରକ୍ରିୟା ଏବଂ ମଞ୍ଜୁରୀର ସ୍ଥିତିକୁ ରିଏଲ୍ ଟାଇମ୍ (ତତ୍କାଳ) ମନିଟରିଂ ଓ ଟ୍ରାକିଂ କରିବା ପାଇଁ ଏକ ସ୍ୱତନ୍ତ୍ର "ଗୋ ସ୍ୱିଫ୍ଟ' ମଡ୍ୟୁଲ୍ ମଧ୍ୟ ସୃଷ୍ଟି କରାଯିବ । ଏହି ପଦକ୍ଷେପ ଫଳରେ ରାଜ୍ୟର ସୀମାବର୍ତ୍ତୀ ଜିଲ୍ଲା ଗୁଡ଼ିକରେ ସର୍ବାଧିକ ପୁଞ୍ଜି ନିବେଶ ହେବା ସହ ସେଠାରେ ଅନେକ ନୂଆ ଇଣ୍ଡଷ୍ଟ୍ରିଆଲ୍ ଗ୍ରୋଥ ସେଣ୍ଟର (ଶିଳ୍ପ ବିକାଶ କେନ୍ଦ୍ର) ଗଢ଼ି ଉଠିବ । ମୁଖ୍ୟମନ୍ତ୍ରୀ ରାଜ୍ୟର ଶିଳ୍ପ ନୀତି ରିଜୋଲ୍ୟୁସନ୍-୨୦୨୨ରେ ସଂଶୋଧନ କରାଯାଇଥିବା ସୂଚନା ଦେଇଛନ୍ତି । ଏହି ସଂଶୋଧନ ଦ୍ୱାରା ରାଜ୍ୟର ଆର୍ଥିକ ଅନଗ୍ରସର ଓ ପଛୁଆ ଅଞ୍ଚଳ ଭାବେ ପରିଚିତ ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା, କନ୍ଧମାଳ, ବୌଦ୍ଧ ଓ ଗଜପତି ଭଳି ୧୫ ଟି ପ୍ରମୁଖ ଜିଲ୍ଲାରେ ଅଣ-ଖଣିଜ ଦ୍ରବ୍ୟ ଭିତ୍ତିକ ଶିଳ୍ପ ପ୍ରତିଷ୍ଠା ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି ହେବ ।

ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ ସମସ୍ତ ଶିଳ୍ପଦ୍ୟୋଗୀମାନଙ୍କୁ କହିଥିଲେ ଯେ, ବିଗତ କିଛି ଦଶନ୍ଧି ଧରି ଭାରତର ଅର୍ଥନୈତିକ ଅଭିବୃଦ୍ଧି ମୁଖ୍ୟତଃ ପଶ୍ଚିମ ଓ ଦକ୍ଷିଣ କରିଡର ଉପରେ ନିର୍ଭର କରୁଥିଲା । ମାତ୍ର ବର୍ତ୍ତମାନ ଭାରତର ବିକାଶ କାହାଣୀର ପରବର୍ତ୍ତୀ ବଡ଼ ଅଧ୍ୟାୟ ପୂର୍ବ ଭାରତରେ ଲେଖାଯାଉଛି । ଆମର ଲକ୍ଷ୍ୟ ହେଉଛି "ସମୃଦ୍ଧ ଓଡ଼ିଶା ୨୦୩୬' ଭିଜନକୁ "ବିକଶିତ ଭାରତ ୨୦୪୭' ସହିତ ଯୋଡ଼ି ରାଜ୍ୟକୁ ପୂର୍ବ ଭାରତର ସବୁଠାରୁ ନିବେଶକ-ଅନୁକୂଳ ସ୍ଥାନ ଭାବେ ଗଢ଼ି ତୋଳିବା । ଏହି ରୂପାନ୍ତରଣ ଯାତ୍ରାରେ ଓଡ଼ିଶା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ବୋଲି ସେ ପ୍ରକାଶ କରିଥିଲେ । ଜୁନ୍ ୨୦୨୪ଠାରୁ ଓଡ଼ିଶା ସରକାର ପ୍ରାୟ ୯.୫ଲକ୍ଷ କୋଟି ଟଙ୍କାର ୪୭୭ଟି ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି, ଯାହା ଦ୍ୱାରା ୬ ଲକ୍ଷ ଲୋକଙ୍କ ପାଇଁ ରୋଜଗାର ସୃଷ୍ଟି ହେବ ।

## ମା'ମାନେ ବିକାଶର ନେତୃତ୍ୱ ନେବେ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩୦/୬(ଆପଣଙ୍କ ସ୍ୱର) : ମହିଳାମାନଙ୍କୁ ଉଦ୍ୟୋଗ କ୍ଷେତ୍ରରେ ପ୍ରୋତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଓଡ଼ିଶା ରାଜ୍ୟ ମହିଳା ଉଦ୍ୟମିତା ପ୍ଲାଟଫର୍ମର ଶୁଭାରମ୍ଭ କରିଛନ୍ତି । ନିତି ଆୟୋଗ ସହାୟତାରେ ଆରମ୍ଭ ହୋଇଥିବା ଏହି ପ୍ଲାଟ୍ଫର୍ମ (ଓମେନ୍ ଏଣ୍ଟରପ୍ରେନ୍ୟୁୟରସିପ୍ ପ୍ଲାଟଫର୍ମ-

### ଓଡ଼ିଶା ମହିଳା ଉଦ୍ୟମିତା ପ୍ଲାଟ୍ଫର୍ମ ଆରମ୍ଭ

ଓଡ଼ିଶା ଚାପ୍ଟର) କେବଳ ଏକ ଅନୁଷ୍ଠାନ ନୁହେଁ, ବରଂ ଓଡ଼ିଶାର ବିକାଶ ଯାତ୍ରାରେ ମହିଳାମାନଙ୍କ ଅର୍ଥନୈତିକ ନେତୃତ୍ୱର ଏକ ମହାଅଭିଯାନ ବୋଲି 'ଉଦ୍ୟମୀ ଓଡ଼ିଶା ଏମ୍ଏସ୍ଏମ୍ଇ କାର୍ଯ୍ୟକ୍ରମ' ତଥା ଅନ୍ତର୍ଜାତୀୟ ଏମ୍ଏସ୍ଏମ୍ଇ ଦିବସ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ।

ସ୍ଥାନୀୟ ଲୋକସେବା ଭବନ କନଭେନସନ୍ ସେଣ୍ଟରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେ, ଆମର ଲକ୍ଷ୍ୟ ହେଉଛି ଆମେ ଏମିତି ଏକ ଓଡ଼ିଶା ଗଠନ କରିବୁ, ଯେଉଁଠାରେ ମହିଳାମାନେ ଚାକିରି ଖୋଜିବେ ନାହିଁ, ବରଂ ଚାକିରି ସୃଷ୍ଟି କରିବେ, ବିଭିନ୍ନ ଉତ୍ପାଦର କେବଳ ଉପଭୋକ୍ତା ହେବେ ନାହିଁ, ବରଂ ଉତ୍ପାଦକୁ ନିଜେ ସୃଷ୍ଟି କରିବେ, ସେମାନେ ବିକାଶର କେବଳ ଅଂଶୀଦାର ହେବେ ନାହିଁ, ବରଂ ବିକାଶର ନେତୃତ୍ୱ ନେବେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓମେନ୍ ଏଣ୍ଟରପ୍ରେନ୍ୟୁୟରସିପ୍ ପ୍ଲାଟଫର୍ମ (ଡବ୍ଲୁଇପି)ର ଏକ ବର୍ଷର ଆକ୍ସନ ପ୍ଲାନ୍ର ମଧ୍ୟ ଶୁଭାରମ୍ଭ କରିଥିଲେ ।



ମୁଖ୍ୟମନ୍ତ୍ରୀ ରାଜ୍ୟର ମହିଳା ସଶକ୍ତୀକରଣ କ୍ଷେତ୍ରରେ 'ସୁଭଦ୍ରା ଯୋଜନା'ର ସଫଳତା ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ ଆଜି ଏକ କୋଟିରୁ ଅଧିକ ମହିଳା ଏହି ଯୋଜନାରେ ସଶକ୍ତ ହୋଇ ସ୍ୱାବଲମ୍ବନ ପଥରେ ଅଗ୍ରସର ହେଉଛନ୍ତି । ଆଇଆଇଏମ୍ ସମ୍ବଲପୁର, ଏସ୍ବିଆଇ ଏବଂ ଏଆଇ ଡଏସ୍ ବଟ୍ ସର୍ଭେର ତଥ୍ୟ ଅନୁସାରେ ରାଜ୍ୟରେ ମହିଳା ପରିଚାଳିତ ଉଦ୍ୟୋଗ ସଂଖ୍ୟା ୨୫ ପ୍ରତିଶତରୁ ବୃଦ୍ଧି ପାଇ ୫୩ ପ୍ରତିଶତ, ଅର୍ଥାତ୍ ଦୁଇ ଗୁଣରୁ ଅଧିକ ହୋଇଛି । ଏହା ସହିତ ହିତାଧିକାରୀମାନଙ୍କର ହାରାହାରି ବ୍ୟାଙ୍କ ଜମା ୬,୮୮୭ ଟଙ୍କା ବୃଦ୍ଧି ପାଇଛି । ଏହି ପରିପ୍ରେକ୍ଷୀରେ ନୂତନ ଭାବେ ଗଠିତ ଡବ୍ଲୁଇପି ପ୍ଲାଟ୍ଫର୍ମ ଜରିଆରେ ମିସନ୍ ଶକ୍ତି, ଏମ୍ଏସ୍ଏମ୍ଇ, ଷ୍ଟାର୍ଟଅପ୍ ଓଡ଼ିଶା, ବ୍ୟାଙ୍କ ଏବଂ ଶିଳ୍ପ ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ମହିଳାମାନଙ୍କୁ ଆର୍ଥିକ ସହାୟତା, ବଜାର ସୁବିଧା, ମେଣ୍ଟରସିପ୍, ସ୍କିଲ୍ ଡେଭଲପ୍ମେଣ୍ଟ ଆଦି ସମସ୍ତ ସୁବିଧା ଗୋଟିଏ ମଞ୍ଚରେ ଯୋଗାଇ ଦିଆଯିବ । ହସ୍ତତନ୍ତ, ସ୍କିଲ୍, ହୋମ୍ ଷ୍ଟେ ଏବଂ ଟେକ୍ନୋଲୋଜି କ୍ଷେତ୍ରରେ ଅନେକ ନୂତନ ସହଭାଗିତା ଓ ସହଯୋଗ ମଧ୍ୟ ଆଜି ଆରମ୍ଭ କରାଯାଇଛି । ରାଜ୍ୟର ଅର୍ଥନୈତିକ ବିକାଶରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗକୁ ମୂଳ ଇଞ୍ଜିନ୍ ଭାବେ ଅଭିହିତ କରି ମୁଖ୍ୟମନ୍ତ୍ରୀ ରାଜ୍ୟରେ ଭିତ୍ତିଭୂମି ବିକାଶ ପାଇଁ ଅନେକ ନୂତନ ପଦକ୍ଷେପ ଆରମ୍ଭ କରିଛନ୍ତି ।

ଏହି ଅବସରରେ ବାଲେଶ୍ୱରଠାରେ ୨୪ କୋଟି ୧୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏକ 'ରାଇସ୍ ମିଲିଂ କ୍ଲଷ୍ଟର୍'ର ଉଦ୍ଘାଟନ କରାଯାଇଛି, ଯାହା ରାଇସ୍ ବ୍ରାନ୍ ଅଏଲ୍ ଉତ୍ପାଦନକୁ ପ୍ରୋତ୍ସାହିତ କରିବ । ସେହିପରି ପାରମ୍ପରିକ ସୁସ୍ୱାଦୁ ଖାଦ୍ୟର ପ୍ରସାର ପାଇଁ ପାହାଳଠାରେ ୧୭ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟରେ ଏକ 'ରସଗୋଲା କ୍ଲଷ୍ଟର୍' ପାଇଁ ଶିଳାନ୍ୟାସ କରାଯାଇଛି । ଏହାଦ୍ୱାରା ପାହାଳର ଦୈନିକ ଉତ୍ପାଦନ କ୍ଷମତା ୭ ହଜାର କେଜିରୁ ୧୧ ହଜାର କେଜିକୁ ବୃଦ୍ଧି ପାଇବ । ଏହା ବ୍ୟତୀତ ଗଞ୍ଜାମର ବରପାଲି ଓ କଳାହାଣ୍ଡିର କେସିଙ୍ଗାଠାରେ ୧୦ କୋଟି ଟଙ୍କା ଲେଖାଏଁ ବ୍ୟୟରେ ୨ଟି 'ମଲ୍ଟି-ପ୍ରଡକ୍ଟ ଏମ୍ଏସ୍ଏମ୍ଇ ପାର୍କ'ର ଉଦ୍ଘାଟନ କରାଯାଇଛି । ଆଗାମୀ ଦିନରେ ଏକ ଇଞ୍ଜିନିୟରିଂ କ୍ଲଷ୍ଟର୍, ମୁଦ୍ରଣ ଓ ପ୍ୟାକେଜିଂ କ୍ଲଷ୍ଟର୍ ଏବଂ କାଜୁ କ୍ଲଷ୍ଟର୍ର ଶୁଭାରମ୍ଭ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି । ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଗୋଟିଏ ମଲ୍ଟି ପ୍ରଡକ୍ଟ ଏମ୍ଏସ୍ଏମ୍ଇ ପାର୍କ ସ୍ଥାପନ କରାଯାଉଛି ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ନିତି ଆୟୋଗ ଉପାଧ୍ୟକ୍ଷ ଡ. ଅଶୋକ କୁମାର ଲାହିରୀ ଯୋଗ ଦେଇ କହିଥିଲେ, ଓଡ଼ିଶାର ଜିଏସ୍ଡିପି ଅଭିବୃଦ୍ଧି ହାର ଜାତୀୟ ଜିଡିପିଠାରୁ ଅଧିକ । ରାଜ୍ୟର ସ୍ୱାସ୍ଥ୍ୟ ଏବଂ ଭିତ୍ତିଭୂମି କ୍ଷେତ୍ରରେ ବ୍ୟାପକ ପୁଞ୍ଜିନିବେଶ ଯୋଗୁଁ ନୀତି ଆୟୋଗର ବିତ୍ତୀୟ ସ୍ୱାସ୍ଥ୍ୟ ସୂଚକାଙ୍କ-୨୦୨୬ରେ ଓଡ଼ିଶା ପ୍ରଥମ ସ୍ଥାନ ହାସଲ କରିଛି । ଓଡ଼ିଶା ବର୍ତ୍ତମାନ ବୟନଶିଳ୍ପ ଓ ପର୍ଯ୍ୟଟନ ଭଳି ପ୍ରଚୁର ସୁଯୋଗ ଥିବା କ୍ଷେତ୍ରଗୁଡ଼ିକରେ ଆଗକୁ ବଢୁଥିବା ଦର୍ଶାଇ ଏହାକୁ ଏକ 'ଡାଇନାମିକ ଓଡ଼ିଶା' ବୋଲି ଅଭିହିତ କରିଥିଲେ ।



## ବିଜେଡିରେ ସୁଜାତା

ଭୁବନେଶ୍ୱର, ୩୦/୬(ଆପଣଙ୍କ ସ୍ୱର) : ବିଜେଡିରେ ସାମିଲ ହେଲେ ସୁଜାତା ରାଉତ କାର୍ତ୍ତିକେୟନ । ଶଙ୍ଖ ଭବନରେ ଦଳ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି ପୂର୍ବତନ ଆଇଏଏସ ଅଫିସର ସୁଜାତା ରାଉତ କାର୍ତ୍ତିକେୟନ । ସୁଜାତା ବିଜେଡିରେ ଯୋଗ ଦେବା ପରେ ନବୀନ ପଟ୍ଟନାୟକ ତାଙ୍କୁ ସ୍ୱାଗତ କରିଛନ୍ତି । ସୁଜାତା ଜଣେ ସାଧାରଣ କର୍ମୀ ଭାବେ ବିଜେଡିରେ ଯୋଗ ଦେଲେ ବୋଲି ନବୀନ କହିଛନ୍ତି । ସୁଜାତାଙ୍କୁ ଦଳକୁ ସ୍ୱାଗତ କରିଛନ୍ତି ବିଜେଡିର ଅନେକ ବରିଷ୍ଠ ନେତା । 'ମୋ ନେତୃତ୍ୱରେ ବିଜୁ ଜନତା ଦଳ ଆଗାମୀ ନିର୍ବାଚନ ଲଢ଼ିବ । ଆଗାମୀ ନିର୍ବାଚନରେ ମୁଁ ଲିଡ୍ କରିବି ।' ଏକଥା ସ୍ପଷ୍ଟ ଭାବେ ଗଣମାଧ୍ୟମ ଆଗରେ କହିଛନ୍ତି (ପୃଷ୍ଠା-୭ ଦେଖନ୍ତୁ)

## ମୌସୁମୀକୁ ବାଧା ଦେଉଛି ଏଲ୍ ନିନୋ

### ଉତ୍ତର ପ୍ରଦେଶ-ମଧ୍ୟପ୍ରଦେଶ-ଓଡ଼ିଶାରେ ବର୍ଷା ସଙ୍କଟ

ନୂଆଦିଲ୍ଲୀ: ଦେଶର ଅନେକ ସ୍ଥାନରେ ବର୍ଷା ହେଉଛି, କିନ୍ତୁ ଏବେ ବି ଅନେକ ଅଞ୍ଚଳ ଅଛି ଯେଉଁଠାରେ ମୌସୁମୀରେ ମଧ୍ୟ ବର୍ଷା ହୋଇନି । ଏପର୍ଯ୍ୟନ୍ତ ଦେଶରେ ସ୍ୱାଭାବିକ ଅପେକ୍ଷା ୪୩ ପ୍ରତିଶତ କମ୍ ବର୍ଷା ହୋଇଛି । ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ ଏବଂ ଓଡ଼ିଶା ସମେତ ଦେଶର ଅନେକ ସ୍ଥାନରେ ଏଲ୍ନିନୋର ପ୍ରଭାବ ଅନୁଭୂତ ହେଉଛି । ତେବେ

### ଓଡ଼ିଶାରେ ୫୨ ପ୍ରତିଶତ କମ୍ ବର୍ଷା



ଆସନ୍ତା ମାସରେ ସାରା ଦେଶରେ ମୌସୁମୀ ପହଞ୍ଚିବ ଏବଂ ବର୍ଷା ଅଭାବକୁ ପୂରଣ କରିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଭାରତ ଏଲ୍ ନିନୋ ଦ୍ୱାରା ବହୁ ପରିମାଣରେ ପ୍ରଭାବିତ ହେଉଛି । ତେଣୁ ଚଳିତ ବର୍ଷ ସ୍ୱାଭାବିକ ଅପେକ୍ଷା କମ୍ ବର୍ଷା ହେବାର ଆଶଙ୍କା ସୃଷ୍ଟି ହୋଇଛି ।

ଏଲ୍ ନିନୋର ପ୍ରଭାବ କମିବାର ଏକ ଉପାୟ ରହିଛି । ଯଦି ଇଣ୍ଡିଆନ୍ ଓସେନ୍ ଡାଇପୋଲ୍ (ଆଇଓଡି) ନାମକ ଏକ ସ୍ଥିତି ସୃଷ୍ଟି ହେବ ତେବେ ଏପରି ସ୍ଥିତିରୁ ମୁକ୍ତି ମିଳିପାରିବ ବୋଲି ବିଶେଷଜ୍ଞ ମତପୋଷଣ କରିଛନ୍ତି । ଆଇଓଡି ହେଉଛି ଏକ ଜଳବାୟୁ ସ୍ଥିତି ଯାହା ଭାରତ ମହାସାଗରର ପଶ୍ଚିମ ଏବଂ ପୂର୍ବ ଅଂଶ ମଧ୍ୟରେ ସମୁଦ୍ର ପୃଷ୍ଠର ତାପମାତ୍ରାରେ ପାର୍ଥକ୍ୟ ଦ୍ୱାରା ସୃଷ୍ଟି ହୋଇଥାଏ । ଏହା ଏଲ୍ ନିନୋ-ସର୍ଦନ ଆସିଲେସନ(ଇଏନଏସଓ) ସହିତ ଉତ୍ତାପ ଦ୍ୱାରା ମୌସୁମୀକୁ ପ୍ରଭାବିତ କରିବାର ମୁଖ୍ୟ କାରଣ । ତେବେ ଏଭଳି ସ୍ଥିତି ସୃଷ୍ଟି ହେବା ଅସମ୍ଭବ । ୨୦୨୩ରେ ଆଇଓଡି ଯୋଗୁଁ ଏକ ଶକ୍ତିଶାଳୀ ଏଲ୍ ନିନୋର ପ୍ରଭାବ ଯଥେଷ୍ଟ ହ୍ରାସ ପାଇଥିଲା । ଯାହା ଫଳରେ ଭାରତରେ ପ୍ରାୟ ସ୍ୱାଭାବିକ ଭାବେ ମୌସୁମୀ ଋତୁକାଳୀନ ବର୍ଷା ହୋଇଥିଲା ।

ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ଯେ, ଚଳିତ ବର୍ଷ ମୌସୁମୀ ସ୍ୱାଭାବିକଠାରୁ ୧୦ ପ୍ରତିଶତ କମ୍ ବର୍ଷିବ । ଆଇଏମଡି ପୂର୍ବରୁ ସ୍ୱାଭାବିକଠାରୁ କମ୍ ବର୍ଷାର ପୂର୍ବାନୁମାନ କରିଛି । ଜୁନ୍ରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ମୋଟ ବର୍ଷା ସ୍ୱାଭାବିକଠାରୁ ୧୦% କିମ୍ବା ତା'ଠାରୁ ଅଧିକ ହେବାର ୬୦% ସମ୍ଭାବନା ଅଛି । ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ, ଚଳିତ ବର୍ଷ ଜୁନ୍ରୁ ସେପ୍ଟେମ୍ବର ମଧ୍ୟରେ ବର୍ଷା ସ୍ୱାଭାବିକଠାରୁ କମ୍ ହୋଇପାରେ । ଏହି ପୂର୍ବାନୁମାନ ଯୋଗୁଁ ଅନେକ ଅଞ୍ଚଳରେ ମରୁଡ଼ିକୁ ନେଇ ଚିନ୍ତା ବୃଦ୍ଧି ପାଇଛି । ଦେଶର ଅନେକ ରାଜ୍ୟରେ ଚାଷୀମାନେ କେବଳ କୃଷି ପାଇଁ ବର୍ଷାଜଳ ଉପରେ ନିର୍ଭର କରୁଥିବାରୁ, ଜଳକଷ୍ଟ କୃଷିକୁ ପ୍ରଭାବିତ କରିବା ଆଶଙ୍କା ଦେଖାଦେଇଛି ।।

ମେଘାଳୟରେ ୮୨ ପ୍ରତିଶତ ବର୍ଷା ହ୍ରାସ ହୋଇଥିବା ରେକର୍ଡ କରାଯାଇଛି । ଗୁଜୁରାଟରେ ୭୯ ପ୍ରତିଶତ, ମଣିପୁରରେ ୭୧ ପ୍ରତିଶତ, ଛତିଶଗଡ଼ରେ ୬୮ ପ୍ରତିଶତ, ଝାଡ଼ଖଣ୍ଡରେ ୬୬ ପ୍ରତିଶତ, ମହାରାଷ୍ଟ୍ରରେ ୫୯ ପ୍ରତିଶତ, ଉତ୍ତର ପ୍ରଦେଶରେ ୫୬ ପ୍ରତିଶତ, ଓଡ଼ିଶାରେ ୫୨ ପ୍ରତିଶତ ବର୍ଷା ହ୍ରାସ ପାଇଛି । ବିହାରରେ ଏପର୍ଯ୍ୟନ୍ତ ୫୦ ପ୍ରତିଶତ ବର୍ଷା ହ୍ରାସ ପାଇଛି । ମଧ୍ୟପ୍ରଦେଶରେ ସ୍ୱାଭାବିକ ତୁଳନାରେ ୪୧% କମ୍ ବର୍ଷା ହୋଇଛି । ଏହି ଅଞ୍ଚଳ ମୌସୁମୀ ଉପରେ ବହୁଳ ଭାବରେ ନିର୍ଭରଶୀଳ, ଏବଂ ଏଠାକାର କୃଷି ମଧ୍ୟ ମୌସୁମୀ ଉପରେ ନିର୍ଭରଶୀଳ । ଦକ୍ଷିଣ ଭାରତରେ କର୍ଣ୍ଣାଟକ, କେରଳ, ତାମିଲନାଡୁ ଏବଂ ତେଲେଙ୍ଗାନାରେ ଦୁଇରୁ ତିନି ସପ୍ତାହ ପୂର୍ବରୁ ମୌସୁମୀ ପହଞ୍ଚିଥିବା ସତ୍ତ୍ୱେ ବର୍ଷାରେ ୩୦% ରୁ ଅଧିକ ହ୍ରାସ ରେକର୍ଡ କରାଯାଇଛି । ସାମଗ୍ରିକ ଭାବରେ ମଧ୍ୟ ଭାରତରେ ମୌସୁମୀ ବର୍ଷାରେ ସର୍ବାଧିକ ୫୭% ହ୍ରାସ ଘଟିଛି । ସେହିପରି ପୂର୍ବ ଏବଂ ଉତ୍ତର-ପୂର୍ବ ଭାରତରେ ୪୪%, ଦକ୍ଷିଣ ଭାରତରେ ୩୦% ଏବଂ ଉତ୍ତର-ପଶ୍ଚିମ ଭାରତରେ ୨୭% ମୌସୁମୀ ବର୍ଷା ହ୍ରାସ ପାଇଥିବା ପାଣିପାଗ ବିଭାଗ କହିଛି ।

Scanned with OKEN Scanner

## ସମ୍ପାଦକୀୟ

# ୪ର୍ଥ ସ୍ତମ୍ଭ ଆଜି ବିପଦରେ , ଗଣମାଧ୍ୟମ ବଞ୍ଚିବାକୁ କରୁଛି କି ସଂଘର୍ଷ !

ଗଣତନ୍ତ୍ର ରୂପକ ଘର ଟିଏ ତୋଳିବା ପାଇଁ ଯେଉଁ 4ଟି ଖୁଣ୍ଟ ଅର୍ଥାତ୍ 4ଟି ସ୍ତମ୍ଭ ର ଆବଶ୍ୟକତା ପଡ଼ିଥାଏ ତାହା ହେଉଛି ବ୍ୟବସ୍ଥାପିକା, କାର୍ଯ୍ୟପାଳିକା, ନ୍ୟାୟପାଳିକା ଓ ଗଣମାଧ୍ୟମ । ଗୋଟିଏ ଖୁଣ୍ଟ ଅଭାବରୁ ଯେମିତି ଘର ର ଛାତ ଟି ରହି ପାରେନି ଠିକ୍ ସେଇପରି ଗଣତନ୍ତ୍ର ପାଇଁ ଏଇ 4ଟି ସ୍ତମ୍ଭର ଆବଶ୍ୟକତା ରହିଛି । ଗଣମାଧ୍ୟମକୁ ସମାଜର ଦର୍ପଣ କୁହାଯାଏ ।ସମାଜର ୩ଟି ସ୍ତମ୍ଭ ଅର୍ଥାତ୍ ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା ଯେତେବେଳେ ଅବାଟ କୁ ଚାଲିଯାଇ ଥାଏ ଗଣ ମାଧ୍ୟମ ର କାମ ହେଲା ସେମାନଙ୍କୁ ଉଚିତ ରାସ୍ତା ଦେଖାଇବା ।

ଗଣମାଧ୍ୟମ ଅର୍ଥାତ୍ ଜନସାଧାରଣ ଙ୍କ ମାଧ୍ୟମ ଅଥବା ଗଣଙ୍କ ମାଧ୍ୟମାଗଣ ମାଧ୍ୟମ ସର୍ବଦା ଜନ ସାଧାରଣ ଙ୍କ ସ୍ୱର ହେବା ଏବଂ ବିଶ୍ୱାସ ଭାଜନ ହେବା ଆବଶ୍ୟକ । ଯାହା ଫଳ ରେ ସାଧାରଣ ବ୍ୟକ୍ତିଟି ନୀସଂକୋଚ ରେ ନିଜର ଅଭିବ୍ୟକ୍ତି ଟିକୁ ପ୍ରକାଶ କରି ପାରିବ । ଗଣ ମାଧ୍ୟମରେ କାମ କରୁଥିବା ବା ଖବର ସଂଗ୍ରହ କରୁଥିବା ବ୍ୟକ୍ତି ଙ୍କୁ ସମ୍ବାଦଦାତା ବା ସାମ୍ବାଦିକ କୁହାଯାଏ ।କିନ୍ତୁ ସମାଜରେ ସାଧାରଣ ଲୋକଙ୍କ ସମସ୍ୟା କୁ ସମାଜ ର ଏଇ ୩ଟି ସ୍ତମ୍ଭ ପାଖରେ ପହଞ୍ଚାଇବାକୁ ଅହରହ ଖଟୁଥିବା ଏଇ ସାମ୍ବାଦିକ ଅନେକ ସମୟ ରେ କିଛି କୁଟଚକ୍ରି ଲୋକଙ୍କ ରୋସ ର ଶିକାର ହୋଇଥାଏ ।ଏଥିପାଇଁ ସରକାର ଙ୍କ ତରଫରୁ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ର ଆବଶ୍ୟକତା ରହିଛି ।

୧୯ ୯୧ରେ ଆଫ୍ରିକୀୟ ସାମ୍ବାଦିକମାନେ ପ୍ରଥମ ଥର ପାଇଁ ସାମ୍ବାଦିକ ସ୍ୱାଧୀନତା ପାଇଁ ସ୍ୱର ଉତ୍ତୋଳନ କରିଥିଲେ । ମେ' ୩ରେ ଏହି ସାମ୍ବାଦିକମାନେ ସାମ୍ବାଦିକ ସ୍ୱାଧୀନତାର ନୀତି ସମ୍ବନ୍ଧରେ ଏକ ବିବୃତ୍ତି ଜାରି କରିଥିଲେ, ଯାହା ୱିଣ୍ଡହୋକ୍ ଘୋଷଣାନାମା ଭାବରେ ମଧ୍ୟ ଜଣାଶୁଣା । ଦୁଇ ବର୍ଷ ପରେ ଅର୍ଥାତ୍ ୧୯ ୯୩ରେ ମିଳିତ ଜାତିସଂଘର ସାଧାରଣ ସଭା ପ୍ରଥମଥର ପାଇଁ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲା । ସେବେଠାରୁ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ପ୍ରତିବର୍ଷ ମେ' ୩ରେ ପାଳନ କରାଯାଏ ।ପରିବେଶ ସଙ୍କଟ ସାମ୍ନାରେ ଆଜି ସାମ୍ବାଦିକତା । ପରିବର୍ତ୍ତନଶୀଳ ଜଳବାୟୁ ଏବଂ ଜୈବ ବିବିଧତା ସଙ୍କଟ ଦ୍ୱାରା ଆଜି ସମଗ୍ର ବିଶ୍ୱ ପ୍ରଭାବିତ ହୋଇଛି । ଯେଉଁମାନେ ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ସେମାନଙ୍କ କାହାଣୀ ଅନ୍ୟମାନଙ୍କୁ ଜଣାଇବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସାମ୍ବାଦିକମାନେ ଏଥିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । ସେ ଆଗକୁ ଆସି ଆମ ପୃଥିବୀ ଏବଂ ଏହାର ଉତ୍ତମ ଭବିଷ୍ୟତ ପାଇଁ ଲଢ଼ନ୍ତି ।

ସାମ୍ବାଦିକମାନେ ନିଜକୁ ବିପଦରେ ପକାଇ ଜନସାଧାରଣଙ୍କୁ ଖବର ସଂଗ୍ରହ ଓ ଖବର ଜଣାଇବା ପାଇଁ କାର୍ଯ୍ୟ କରନ୍ତି । ସାମ୍ବାଦିକମାନେ ପ୍ରାୟତଃ ଆକ୍ରମଣର ଶିକାର ହୁଅନ୍ତି ଏବଂ ବେଳେବେଳେ ସେମାନଙ୍କ ହତ୍ୟା ଖବର ମଧ୍ୟ ସାମ୍ନାକୁ ଆସିଥାଏ । ଅନେକ ଥର ସେମାନଙ୍କ ସ୍ୱରକୁ ଦମନ କରିବାକୁ ଚେଷ୍ଟା କରାଯାଏ । ତେଣୁ ଏହି ସମସ୍ତ ଅନ୍ୟାୟ ବିରୋଧରେ ଲଢ଼ିବା, ସାମ୍ବାଦିକ ଏବଂ ସେମାନଙ୍କ କାର୍ଯ୍ୟକୁ ସମ୍ମାନ ଦେବା ପାଇଁ ଆଜି ସମସ୍ତେ ଚିନ୍ତା କରିବାର ସମୟ ଆସିଛି ।

ଏ ସଂକ୍ରାନ୍ତ ରେ ଭାରତ ବର୍ଷର ବୃହତ୍ ଟେଲିଭିଜନ ନେଟୱର୍କ ରିପବ୍ଲିକ ଭାରତ ର ପ୍ରତିଷ୍ଠାତା ତଥା ସମ୍ପାଦକ ଅର୍ଣ୍ଣବ୍ ଗୋସ୍ୱାମୀ କୁହନ୍ତି ସାମ୍ବାଦିକ ମାନେ ପ୍ରଥମେ ଆର୍ଥିକ ସଶକ୍ତ ହୁଅ । କାହାରି ପାଖରେ ମୁଣ୍ଡ ବିକ ନାହିଁ । କାହାର ପାଦ ଚାଟିବାର ଅଛି ତ ସାମ୍ବାଦିକତା କର ନାହିଁ । ସରକାରଙ୍କ ର ଦୋଷ ଦୁର୍ବଳତା ପ୍ରକାଶ କରିବା ମଧ୍ୟ ଗଣମାଧ୍ୟମ ର ଏକ ପ୍ରମୁଖ ଦାୟିତ୍ୱ ।

# ସଶକ୍ତ ମହିଳା, ସମୃଦ୍ଧ ସମାଜ

'ଗିଭ ଟୁ ଗେନ୍' ବା 'ପାଇବା ପାଇଁ ଦେବା'; ଚଳିତ ବର୍ଷ ଅନ୍ତର୍ଜାତୀୟ ମହିଳା ଦିବସ ପାଇଁ ଏହା ରହିଛି ବିଷୟବସ୍ତୁ । ଏହି ଛୋଟ ମନ୍ତ୍ରଟି ମଧ୍ୟରେ ଅସୀମ ଶକ୍ତି ଲୁଚି ରହିଛି । କିଛି ଦେବାର ମନୋଭାବ ହିଁ ଅବଶେଷରେ ଅଧିକ ପ୍ରାପ୍ତିର ଦ୍ୱାର ଖୋଲି ଦେଇଥାଏ । ମହିଳା ସଶକ୍ତୀକରଣ ପରିପ୍ରେକ୍ଷୀରେ ଏହା କେବଳ ଏକ ସ୍ଲୋଗାନ୍ ନୁହେଁ, ଏକ ଦାୟିତ୍ୱ, ଏକ ସାମୂହିକ ଆନ୍ଦୋଳନ । ଆନ୍ତର୍ଜାତିକ ମହିଳା ଦିବସ ପାଳନର ଲକ୍ଷ୍ୟ ହେଲା ଶିକ୍ଷା, ସ୍ୱାସ୍ଥ୍ୟ, ନେତୃତ୍ୱ ଏବଂ ଦରମାରେ ଲିଙ୍ଗଗତ ସମାନତାକୁ ଗତି ପ୍ରଦାନ କରିବା । ମହିଳାମାନଙ୍କୁ ସୁଯୋଗ, ସମର୍ଥନ ଓ ସୁରକ୍ଷା ମିଳିଲେ, ସମାଜ ସମୃଦ୍ଧ ହୁଏ ଏବଂ ପୁନଃ ମହିଳାମାନଙ୍କୁ ହିଁ ନୂତନ ମାର୍ଗଦର୍ଶନ ପ୍ରଦାନ କରେ ।

ମହିଳା ଦିବସ ଗୁରୁତ୍ୱପୂର୍ଣ୍ଣ କାହିଁକି ? ଏହା ନାରୀବାଦକୁ ଏକ ସାମୂହିକ ପ୍ରୟାସ ରୂପେ ସ୍ଥାପନ କରେ; ଯେଉଁଠି ପୁରୁଷମାନେ ମଧ୍ୟ ଅଂଶୀଦାର ହୁଅନ୍ତି । ଆଗକୁ ଯାଇ ସୁସ୍ଥ ପରିବାର, ଆର୍ଥିକ ସ୍ୱଚ୍ଛଳତା ଏବଂ ଉନ୍ନତ ଭବିଷ୍ୟତ ନିର୍ମାଣରେ ଏହା ସହାୟକ ହୁଏ । ୧୯୧୧ରୁ ଆରମ୍ଭ ହୋଇଥିବା ଏହି ମହିଳା ଦିବସ ନ୍ୟାୟ ଓ ଅଧିକାର ପାଇଁ ଆନ୍ଦୋଳନ ଠାରୁ ଆରମ୍ଭ ହୋଇ ୨୦୨୬ର 'ପାଇବା ପାଇଁ ଦେବା' ଅଭିଯାନ ପର୍ଯ୍ୟନ୍ତ ସ୍ପଷ୍ଟ କରେ ଯେ ବିକାଶ ପାଇଁ ଦୃଢ଼ତା ଆବଶ୍ୟକ । ତେବେ କେଉଁମାନେ ମହିଳାଙ୍କୁ କ'ଣ କ'ଣ ଦେଇପାରିବେ ବା ଦେବା ଆବଶ୍ୟକ ତା' ଉପରେ ଆଲୋଚନା ମଧ୍ୟ ପ୍ରାସଙ୍ଗିକ ମନେହୁଏ ।ସମାଜ ମହିଳାଙ୍କୁ ସଶକ୍ତ କରିବା ପାଇଁ ଶିକ୍ଷାର ସମାନ ସୁଯୋଗ, ସୁରକ୍ଷା, ସମ୍ମାନ, ଆର୍ଥିକ ସ୍ୱାଧୀନତା ପାଇଁ ମଞ୍ଚ, ନିଷ୍ପକ୍ଷ ଆଇନ ଓ ପ୍ରୟୋଗ ଯୋଗାଇ ଦେବା ଉଚିତ । ଯେତେବେଳେ ସମାଜ ଏହି ଆଧାରଗୁଡ଼ିକୁ ଦେଉଛି, ସେତେବେଳେ ସେ ଫେରି ପାଉଛି, ଏକ ସୁସଂଗଠିତ ପରିବାର, ଦାୟିତ୍ୱଶୀଳ ପିଢ଼ି ଏବଂ ଏକ ସ୍ଥିର ଅର୍ଥନୀତି । କହିବା ବାହୁଲ୍ୟ, ଯେ ମହିଳାମାନେ ଯେତେ ସୁରକ୍ଷିତ ରହିବେ, ଆମ ସମାଜ ସେତିକି ଉନ୍ନତି କରିବ । ରାସ୍ତାରେ ଚାଲୁଥିବା, ଏକୁଟିଆ ଘରକୁ ଫେରୁଥିବା, ରାତିରେ ବାହାରକୁ ଯାଉଥିବା ପ୍ରତ୍ୟେକ ଝିଅ ଓ ମହିଳାଙ୍କୁ ସମାଜର ପ୍ରତ୍ୟେକ ବ୍ୟକ୍ତି ନିଜ ଝିଅ, ନିଜ ଭଉଣୀ, ନିଜ ମାଆ, ନିଜର ପରିବାର ସ୍ୱଜନର ଦୃଷ୍ଟିରେ ଦେଖନ୍ତୁ । ସେ ଯେ ଏକୁଟିଆ ନୁହେଁ, ଏଇ ଅନୁଭବ ତାଙ୍କ ବାକ୍ୟରେ, ବ୍ୟବହାରରେ, ଆଚରଣରେ ପ୍ରତିଫଳିତ ହେଉ; ତେବେ ହିଁ ଝିଅମାନେ ନିଶ୍ଚିନ୍ତ ହୋଇ ଯିବେ ଆସିବେ, କାମ କରିବେ । ଗୋଟିଏ ପରିବାର ମହିଳାଙ୍କୁ କ'ଣ ଦେବ ? ପରିବାର ଯଦି ଝିଅଙ୍କୁ ଭରସା, ସାହସ ଓ ସ୍ୱାଧୀନତା ଦେଉଛି, ତା' ବଦଳରେ ପାଇବ, ଗୌରବ, ସଫଳତା ଓ ସମ୍ମାନ । ପରିବାର ଝିଅ ଓ ମହିଳାଙ୍କୁ ନିଜର ମନକଥା ଖୋଲି କହିବାର ସ୍ୱାଧୀନତା, ସବୁ ପରିସ୍ଥିତିରେ ତା' ସହ ଛିଡ଼ା ହେବାର ବିଶ୍ୱାସ ଦିଏ । ପରିବାର ଠାରୁ ସହଯୋଗ ଏବଂ ସୁଯୋଗ ମିଳିଥିଲା ବୋଲି, କିରଣ ବେଦୀ ଦେଶର ପ୍ରଥମ ମହିଳା ଆଇପିଏସ୍ ହୋଇପାରିଥିଲେ । ସୁନିତା ୱିଲିୟମ୍‌ସ, କଳ୍ପନା ଚାୱଲା, ସରୋଜିନୀ ନାଇଡୁ, ଇନ୍ଦିରା ଗାନ୍ଧୀ ଓ ମେରିକମ୍ ଭଳି ଅନେକଙ୍କ ଜୀବନ କାହାଣୀ ଦେଖାଏ ଯେ ପାରିବାରିକ ସମର୍ଥନ ମିଳିଲେ ମହିଳା ଆକାଶକୁ ଛୁଇଁପାରନ୍ତି ।

ମହିଳାମାନେ ନିଜେ ନିଜକୁ କ'ଣ ଦେବେ ? ସଶକ୍ତୀକରଣ କେବଳ ବାହ୍ୟ ସହଯୋଗରେ ହୁଏ ନାହିଁ । ସେମାନେ ନିଜର ଆତ୍ମବିଶ୍ୱାସ, ଶିକ୍ଷା ଓ କୌଶଳ ସାହାଯ୍ୟରେ ଅନ୍ୟ ମହିଳାଙ୍କୁ ସହଯୋଗର ହାତଟିଏ ବଢେଇବେ । ଯେତେବେଳେ ଜଣେ ମହିଳା ଅନ୍ୟ ଜଣଙ୍କୁ ହାତ ବଢ଼ାନ୍ତି, ସେଠାରେ ଏକ ଶକ୍ତିଶାଳୀ ଶୃଙ୍ଖଳ ଗଠନ ହୁଏ । ଯାହାର ପରିଣାମ ସମାଜରେ ଏକ ସକାରାତ୍ମକ ପରିବର୍ତ୍ତନ ଆଣେ ଏବଂ ସେଇଠି ହିଁ ମହିଳା ଦିବସ ପାଳନର ଉଦ୍ଦେଶ୍ୟ ପୂରଣ ହୁଏ ।

ଶେଷରେ ଏତିକି କୁହାଯାଇପାରେ ଯେ, 'ଜଣେ ସଶକ୍ତ ମହିଳା ହିଁ ଅନ୍ୟ ମହିଳାଙ୍କୁ ସଶକ୍ତ କରିବାର କ୍ଷମତା ରଖେ ।' ଚଳିତ ବର୍ଷର ବିଷୟବସ୍ତୁ 'ଗିଭ୍ ଟୁ ଗେନ୍'ରେ 'ଦେବା'ର ଅର୍ଥ କେବଳ ଧନରେ ସୀମିତ ନ ହୋଇ ବରଂ ପରସ୍ପରକୁ ସମୟ, ସମର୍ଥନ, ଶିକ୍ଷା ଓ ଭରସାର ଦାନ ହେଉ । ଆଗକୁ ବର୍ଷ ପରେ ବର୍ଷ ମହିଳାମାନେ ମିଳିତ ଭାବରେ ଆଗକୁ ବଢନ୍ତୁ । ଆଜି ଯଦି ଆମ ଝିଅମାନଙ୍କୁ ଅବସର ମିଳିବ, କାଲି ସେମାନେ ଦେଶକୁ ନେତୃତ୍ୱ ଦେବେ । ମହିଳାମାନେ ନିଜର ପାଞ୍ଚଟି ଅଧିକାର ଯଥା- ଶିକ୍ଷା, ବେତନ, ସ୍ୱାସ୍ଥ୍ୟସେବା, ଭୋଟଦାନ ଏବଂ ହିଂସାରୁ ମୁକ୍ତି ଆଦି ବିଷୟରେ ଅବଗତ ହୁଅନ୍ତୁ ଏବଂ ସଚେତନ ଭାବରେ ତାକୁ ପାଇବା ପାଇଁ ପ୍ରୟାସ ଜାରି ରଖନ୍ତୁ ।

## ଆମର ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟ ଏବଂ ପ୍ରକାଶନ କାର୍ଯ୍ୟାଳୟର ଠିକଣା

ଏକ ନିରପେକ୍ଷ ଖବରକାଗଜ
ଆପଣଙ୍କ ସ୍ୱର
PRGI/R.N.I No: ORMUL/25/A5279
APANANKA SWAR
Regd. Off- At- Jaleswarpur, Po- Kundapatana, Dist- Jajpur, Odisha, 755008
Head Office : Plot No- 1275/5111, Mukundaprasada, Near Prafulla Palace, Khordha- 752057
Email ID :- apanankaswar@gmail.com

# Securing the Republic: Why Grassroots Funding Needed a Security Audit

By Dr. R. MISRA, Ph.D.

The relationship between a sovereign state and its non-governmental sector has always been defined by a delicate equilibrium. In a diverse democracy, voluntary organizations act as vital conduits for grassroots development, reaching structural margins where the formal machinery of the state slows down.

However, when these entities are sustained by external capital, the dynamic shifts from local altruism to geopolitics. The Ministry of Home Affairs' (MHA) sweeping amendments to the Foreign Contribution Regulation Act (FCRA) rules mark a fundamental paradigm shift in this relationship.

Moving decisively away from broad, macro-level monitoring, the new notifications introduce a regime of highly granular financial accountability. The underlying thesis of these reforms is transparent: foreign capital entering the domestic socio-political fabric can no longer be treated with generic benevolence. Every dollar from abroad must now be mapped, tracked, and justified down to its exact geography and human source.

THE ANATOMY OF THE NEW GUIDELINES: A PARADIGM OF MICRO-OVERSIGHT:

To understand the scale of this transition, one must parse the structural innovations embedded within the new compliance architecture. Historically, an FCRA license granted an eligible non-governmental organization (NGO) a broad mandate to receive external funds for general categories.

The latest amendments discard this blanket framework in favor of purpose- and geography-specific licensing. Organizations must now register for hyper-specific, micro-listed activities within five traditional core pillars: Social, Economic, Educational, Cultural, and Religious.

More crucially, they must explicitly declare the exact States and Union Territories where these funds will be deployed. This geographic tracing regime demands mandatory state-by-state registration and separate administrative fees for each territory. This introduces unprecedented spatial friction, ending the practice of pooling foreign funds in a central urban headquarters to be distributed across the hinterland at will.

Parallel to this geographic compartmentalization is a drastic widening of personal accountability. The definition of "Key Functionaries"—previously restricted to core executives—now encompasses all trustees, partners, and members of the governing body. Furthermore, foreign nationals are strictly barred from assuming these leadership roles unless they obtain explicit, specialized clearance from the union government.

The digital footprint of civil society has also been brought entirely within the regulatory ambit through a narrative auditing framework. NGOs must undergo compulsory linking of all social media accounts, official websites, and publication channels, tying their public messaging directly to their financial ledgers.

Crucially, the amendments take aim at sophisticated financial engineering by enforcing a strict layer of identity scrutiny. This demands the complete unmasking of the ultimate donors hiding behind Donor-Advised Funds (DAFs) or complex intermediary wrappers.

Combined with a rigid velocity control threshold that mandates prior permission grantees to utilize at least 75% of a financial installment before the next tranche can be legally unlocked, the state has built a real-time, high-visibility cage around the flow of external capital.

THE NATIONAL SECURITY DIMENSION: SECURING THE SOVEREIGN FRONTIERS:

While critics frequently interpret these measures through the lens of bureaucratic overreach, a rigorous geopolitical analysis reveals a compelling national security rationale.

In the contemporary global order, warfare is rarely confined to conventional military frontiers. Instead, asymmetric warfare—wielded via proxy political agendas, narrative manipulation, and the deliberate engineering of domestic fault lines—has become the preferred tool for external actors seeking to destabilize rising powers.

By mandating comprehensive digital audits and unmasking ultimate donors, the new rules directly confront the threat of "dark money".

Sophisticated foreign entities have historically exploited the opacity of intermediary funds to bankroll local protests, stoke communal anxieties, or create artificial social unrest designed to derail critical infrastructure projects. Sunlight strips these operations of their anonymity, ensuring that foreign entities cannot weaponize domestic advocacy against the economic and strategic interests of the state.

Furthermore, the explicit exclusion of foreign-funded proselytization addresses a long-standing internal security vulnerability. Mass conversions driven by institutional external financing have frequently altered local demographics in sensitive pockets, triggering deep-seated social friction and law-and-order crises. By choking off foreign capital for these specific activities, the state aims to preserve the organic cultural equilibrium of its local populations.

From a financial intelligence standpoint, the anti-money laundering defenses of the state have been significantly upgraded. Intermediary funding networks have long been notorious for "round-tripping"—a process where illicit domestic wealth is funneled abroad only to re-enter the country disguised as legitimate foreign charity. The 75% utilization clause acts as an automated tripwire against this phenomenon, preventing capital hoarding and the rapid, unaccountable diversion of funds.

Finally, the geographical micro-mapping of operations serves an indispensable defense function. By compelling NGOs to specify their regional footprints, intelligence agencies can map the concentration of foreign funds against highly sensitive border zones or areas vulnerable to left-wing extremism, preventing the covert establishment of foreign-funded influence centers in geopolitically vulnerable territories.

INSTITUTIONAL FORMALIZATION: STREAMLINING DEVELOPMENTAL WELFARE:

A comprehensive evaluation of the new regulatory architecture reveals that it serves as a critical driver for structural cleanup and institutional formalization.

Critics often point to these administrative transitions as an operational baseline shift. However, for a sector where the true structural viability and alignment of smaller entities has frequently remained a regulatory blind spot, these measures establish a necessary benchmark for operational capability and accountability.

By introducing a uniform standard of rigorous financial transparency, the state establishes a robust framework that systematically filters out non-compliant or structurally weak organizations. This ensures that every rupee of foreign capital entering the country is aligned exclusively with legitimate national interests. Far from being an arbitrary burden, this strict regulatory discipline acts as a vital corrective for a sector that has long harbored significant economic disruption and lacked standardized internal controls.

For decades, certain foreign-funded entities operating under the guise of grassroots activism have deliberately stalled critical national infrastructure projects, manufactured artificial social friction, and choked the nation's developmental momentum. In this context, robust compliance measures are an absolute prerequisite for safeguarding domestic affluence and unlocking unhindered sovereign growth.

By tightening regulatory oversight, the state actively reclaims its primary role as the principal custodian of social welfare. This systematically replaces an unpredictable, foreign-funded third sector with robust, accountable, and democratically elected public institutions.

Transitioning remote and socio-economically depressed regions away from an unhealthy dependence on external entities ensures that vital public services are delivered directly, equitably, and transparently through official state mechanisms like the Aspirational Districts Programme.

Ultimately, this strategic integration into the formal governance structure eliminates systemic vulnerabilities and localized dependencies. By institutionalizing development firmly under the national banner, the state ensures sustainable welfare delivery while safeguarding the constitutional integrity of the domestic landscape.

LIVING TOGETHER:

The FCRA amendments represent a necessary, non-negotiable consolidation of national sovereignty in an era of complex global interdependencies.

No self-respecting democracy can allow its internal politics, legislative debates, or social harmony to be covertly shaped by foreign checkbooks. The focus on transparency, tracing ultimate financial beneficiaries, and monitoring vulnerable geographic zones is entirely aligned with the fundamental duty of the state to protect its national security.

True domestic resilience is built on a clean, law-abiding civic framework.

By instituting these robust guidelines, the government is not targeting civil society, but rather fortifying it against subversion and external manipulation. The regulatory machinery must remain unyielding, acting as a precision filter that permanently isolates hostile foreign influence and dark money networks from the nation's developmental landscape.

By streamlining accountability and establishing clear, rule-based legal boundaries, the state does not diminish civil society; it empowers legitimate, law-abiding grassroots organizations to serve the public transparently and effectively.

In an era where asymmetric manipulation is a real threat, safeguarding national sovereignty must remain the absolute, non-negotiable objective. Through these comprehensive reforms, the state ensures that a vibrant, lawful civic space can flourish safely—not as an unguided parallel network, but as a force anchored firmly within the constitutional and security framework of a strong, prosperous, and secure nation.

**(The author holds a Ph.D. in NGO studies, formerly served in a senior capacity at a premier Government of India development financial institution, and can be reached at misra1960@gmail.com.)**

Scanned with OKEN Scanner

# ନିଅାଁଗିଳା ସାହିତ୍ୟ ସଂସଦ

**ଲକ୍ଷ୍ମୀ ନାରାୟଣ ପଣ୍ଡା**



ତୁ ସେ ନିଅାଁଗିଳା ସାହିତ୍ୟ ସଂସଦର ପତ୍ରିକାକୁ ଲେଖା ପଠାଇବା କଥା କହୁଛୁ ଯେ ପଠେଇବା ପାଇଁ ମୋର କାହିଁକି ମନ କହୁନି। ତାର ନିୟମ ଦେଖ । ଲେଖା ପଠେଇ ଦୁଇ ଶହ ଟଙ୍କା ଦେବୁ , ତୋର ଲେଖା ବାହାରିବ । ସେମାନେ ତତେ ଖଣ୍ଡିଏ ମାତ୍ର ପତ୍ରିକା ଦେବେ । ମାନେ ଦୁଇ ଶହ ଟଙ୍କା ଦେଇ ତୋର ଲେଖା ତୁ ପଢିବୁ , ତୋର ଚିହ୍ନା ପରିଚିତ ଲୋକ ପଢିବେ କି ନା କେଜାଣି ? କାରଣ ଯେଉଁମାନେ ଲେଖା ଦେଇଥିବେ ସେମାନେ କେବଳ ପତ୍ରିକା ପାଇବେ । ବଜାରରେ ବିକ୍ରି ହେଉନି । ଏମିତିକି ସଂସଦର ସମସ୍ତ ସଦସ୍ୟ ବି ତାକୁ କିଣିକରି ପଢୁ ନାହାନ୍ତି । ଚାନ୍ଦା କରି ବଣଭୋଜି କଲାପରି କଥା । ଖାଇଦେଲେ ସବୁ ସରିଗଲା ।

ଦ୍ୱିତୀୟରେ ତୁ ପଇସା ଦେଲୁ ମାନେ ତୋ ଲେଖା ବାହାରିବ । ଗତ ସଂଖ୍ୟାରେ ବାହାର କରିବା ଆଗରୁ ଦେଖିଲୁତ , ସ୍ପଷ୍ଟ ଭାବରେ ଲେଖିଥିଲେ ଯେ ନିର୍ଦ୍ଦିଷ୍ଟ ତାରିଖ ଭିତରେ ଯେଉଁମାନେ ପଇସା ଦେବେ ନାହିଁ ତାଙ୍କର ଲେଖା ପ୍ରକାଶିତ ହେବ ନାହିଁ । ସେଇ ପଇସା ଦେବା କଥା ପଚିଶ ଥର ଲେଖିଛନ୍ତି । ଏଥିରୁ କଣ ବୁଝିଲୁ ? ତାଙ୍କୁ ଲେଖାର ଗୁଣ ମାନ ଦରକାର ନାହିଁ । କେବଳ ପଇସା ଦରକାର । ଧୁଆ ମୂଳା ଅଧୁଆ ମୂଳା ସବୁ ସମାନ । ଏଥିରେ ପତ୍ରିକାର ଗୁଣବତ୍ତା ରହିବ କିପରି ? ଏବେତ ପରିସ୍ଥିତି ଏମିତି ଯେ ପାଠକ ଠାରୁ ଲେଖକ ସଂଖ୍ୟା ଅଧିକ । ଅସରାଏ ବର୍ଷା ପରେ ଚେନାଏ ଖରା ପାଇଲେ ଉଇ ହୁଙ୍କାରୁ ଝଡିପୋକ ବାହାରି ଚାରିଆଡେ ଉଡି ବୁଲିଲା ପରି କବି ଲେଖକ ଘୁରି ବୁଲୁଛନ୍ତି । ପତ୍ରିକା ଯାହା ହେଉନା କାହିଁକି ଲେଖାଟିଏ ପ୍ରକାଶ ହେଉ ବୋଲି ଆକୁଳ ବିକଳ ହୋଇ ଚାହିଁ ବସିଛନ୍ତି । ସେମାନେ ଭାବୁଛନ୍ତି ଯେ ଲୋକେ ପଢନ୍ତୁ କି ନ ପଢନ୍ତୁ , ପତ୍ରିକାର ମାନ ଥାଉ କି ନ ଥାଉ ଲେଖାଟିଏ ପ୍ରକାଶ ପାଇଲା ମାନେ ତାଙ୍କର ଡେଣା ମଜବୁତ ହୋଇଗଲା , ବହୁତ ଦୂରକୁ ଉଡି ପାରିବେ । ଗୋଟିଏ ଦୃଷ୍ଟିରୁ ଦେଖିଲେ ଏଥିରେ ନୂତନ ପିଢିର ଏ କବି ଲେଖକ ମାନଙ୍କର ଦୋଷ ଦେଇ ହେବନି , କାରଣ ପ୍ରତିଷ୍ଠିତ ପତ୍ରିକା ସବୁ କେବଳ ପ୍ରତିଷ୍ଠିତ ଲେଖକଙ୍କ ପାଇଁ । ସେମାନେ ତାଙ୍କ ଠାରୁ ତୋଷାମଦ କରି ଭିକାରି ପରି ମାଗି କି ଲେଖା ନେଇ ତାକୁ ନ ଦେଖି ପ୍ରକାଶ କରିଦେବେ କିନ୍ତୁ ଜଣେ ନୂତନ ଲେଖକର ଲେଖାକୁ ପଢିବା ତ ଦୂରର କଥା ନଜର ମଧ୍ୟ ପକେଇବେନି । ତେଣୁ ଲେଖାର ଦୋଷ ଗୁଣ ନେଇକି କଥା ହେବା ପାଇଁ ସମ୍ପାଦକ ମାନଙ୍କ ପାଖରେ ସମୟ ନାହିଁ । ତାର ଫାଇଦା ଉଠଉଛନ୍ତି ଏଇ ନିଅାଁଗିଳା ସଂସଦ ପରି କେତେକ ସଂସ୍ଥା ।

ତୃତୀୟରେ ଲେଖାର ଆକାର । ଲେଖା ମାଗିଲା ସମୟରେ କହିଲେ ଯେ କବିତା ଗୁଡିକ କୋଡିଏ ଧାଡି ଏବଂ ଗଦ୍ୟ ଲେଖା ପାଂଚ ଶହ ଶବ୍ଦ ଭିତରେ ହେବ , ନଚେତ ଲେଖା ପ୍ରକାଶ ଯୋଗ୍ୟ ହେବ ନାହିଁ । ପତ୍ରିକାର ଗତ ସଂଖ୍ୟା ସେ ଥାକର ଉପରେ ଅଛି , ଖୋଲିକି ଦେଖ । ତାଙ୍କର ନିଜ ଲୋକଙ୍କର ଲେଖା ସେ ସିମା ଭିତରେ ନାହିଁ । ମୋର ମୂଳ ଲେଖାଟି ଆଠ ଶହ ଶବ୍ଦର ଥିଲା । ମୁଁ ତାକୁ ବହୁତ କଷ୍ଟରେ କାଟଛାଟ କରି ପାଂଚ ଶହ ଶବ୍ଦ ଭିତରେ ରଖିଲି । ତୁ ତ ନିଜେ ଲେଖୁଛୁ , ବୁଝି ପାରୁଥିବୁ ଯେ ମୂଳ ଲେଖାର ଗୋଟିଏ ଗୋଟିଏ ଶବ୍ଦ କାଟିବା କେତେ କଷ୍ଟକର । ନିଜେ ଲଗେଇଥିବା ଫୁଲ ଗଛର କଳିକା ଧରିଥିବା ଡାଳକୁ କାଟିଲା ସଦୃଶ । କଟା ଡାଳରୁ ରସ ଝରିଲା ପରି ଆଖି କୋଣରେ ଲୁହ ଜକେଇ ଆସେ । ଶବ୍ଦର କଟକଣା ରହିଲେ ମନ ମୁତାବକ ଭାବ ପ୍ରକାଶ କରିବୁ କିପରି । ଆଗ କାଳର ଲେଖକଙ୍କୁ ପାଂଚ ଶହ ଶବ୍ଦରେ ଲେଖିବାକୁ କହିଲେ ତାକୁ ଅଣୁ ତ ନୁହେଁ ପରମାଣୁ ଗଳ୍ପ କହିକି ଲେଖିବାକୁ ରୋକଠୋକ ମନା କରିଦେବେ । ଯଦି କଟକଣା କଲେ ସମସ୍ତଙ୍କ ପାଇଁ ହେବା କଥା , କେତେକଙ୍କ ପାଇଁ ଛାଡ କାହିଁକି ? ପାତର ଅନ୍ତର ନିତି କୌଣସି ସଂସ୍ଥାର ଭବିଷ୍ୟତ ପାଇଁ ଠିକ ନୁହେଁ ।

ଚତୁର୍ଥରେ ବିଷୟ ଚୋରି । ଏବେ କେତେକ ଲେଖକଙ୍କର ଲେଖା ଘାଂଟ ତରକାରି କହିଲେ ଚଳିବ । ତିନି ଚାରୋଟି ଲେଖାରୁ ଖାପ ଖାଉଥିବା କିଛିକିଛି ଅଂଶ କାଟିଆଣି ଚତୁରତାର ସହିତ ଯୋଡି ପାରିଲେ ଗୋଟିଏ ସୁନ୍ଦର ଲେଖା ହୋଇ ପାରିବ । ଅବଶ୍ୟ ଏଥିରେ ମୂଳ ଲେଖାଠାରୁ ପରିଶ୍ରମ ଅଧିକ , କାରଣ ରାନ୍ଧିବା ଠାରୁ ଜିନିଷ ଯୋଗାଡ କରିବା କଷ୍ଟକର । କୌଣସି ଲେଖାରେ ବିଷୟ ବସ୍ତୁ ଚୟନ ହେଉଛି ଅସଲ କାମ । ଗୋଟିଏ ବିଷୟ ବସ୍ତୁକୁ ନେଇ ଶବ୍ଦ ସମ୍ଭାର ଅନୁସାରେ ଅନେକ ଲେଖା ଲେଖାଯାଇ ପାରିବ । ଯାର ପାଖରେ ଶବ୍ଦର ଗନ୍ତାଘର ଅଛି ଏବଂ ଯିଏ ସୁନ୍ଦର ଭାବରେ ଶବ୍ଦମାନଙ୍କୁ ସଜେଇବାରେ ସିଦ୍ଧହସ୍ତ ତାର ଲେଖା ନିଶ୍ଚିତ ଆକର୍ଷଣୀୟ ହେବ । ତୋର ବିଷୟବସ୍ତୁକୁ ନେଇ ଯଦି ଜଣେ ନାମ କରା ଲେଖକ ସୁନ୍ଦର ଭାବରେ ଲେଖିଦେବ ତେବେ ପାଠକ ମହଲରେ ଚୋର ହେବୁ ତୁ ।

ଯଦି ଏହାର ଆର୍ଥିକ ଦିଗକୁ ଯିବା ତେବେ ବି ଗୋଳମାଳିଆ ଲାଗୁଛି । ଗୋଟିଏ ଲେଖାକୁ ଦୁଇ ଶହ ନେଇ ପତ୍ରିକା ପ୍ରକାଶନ କଲେ ତାଙ୍କର ଲାଭ ହେବ କି ନାଁ ତ ମୁଁ ସିଧା ସଳଖ କହି ପାରୁନି , କିନ୍ତୁ କଥାରେ ଅଛି ବିନା ଲାଭରେ କିଏ ବେପାର କରେ କି ? କରିବେ ବି କାହିଁକି ? ଏଥିରେ କଣ କମ ମୁଣ୍ଡ ବିନ୍ଧା ଅଛିକି ? ଲେଖା ସଂଗ୍ରହ କରିବା ଠାରୁ ପତ୍ରିକା ପ୍ରକାଶନ ଭିତରେ ଅନେକ ଝାମେଲା ଅଛି । ନୂଆଁ ଲୋକ ପାଇଁ ତ ଗର୍ଭ ଧାରଣରୁ ପ୍ରସବ ବେଦନା ପର୍ଯ୍ୟନ୍ତ । ତେଣୁ ତାଙ୍କ ଲାଭ କ୍ଷତି ବିଷୟରେ ଛାଡ । ଆମେ ଯଦି ନିଜ କଥା ଚିନ୍ତା କରିବା ତେବେ ଗୋଟିଏ ଲେଖା ପାଇଁ ଦୁଇ ଶତ ମୁଦ୍ରା ଦେବା ବର୍ଷକୁ ଚାରି ଥର । ଗୋଟିଏ ବର୍ଷରେ ଚାରୋଟି ଲେଖା ବାହାରିବ । ଶହେଟି ଲେଖା ବାହାରିବାକୁ ଲାଗିବ ପଚିଶ ବର୍ଷ , ମାନେ ଅଢେଇ ଦଶନ୍ଧି , ଦୁଇଟି ଯୁଗରୁ ଅଧିକ । ଜୀବନ କାଳ ଭିତରେ ଶତକ ମାରିବାର ସମ୍ଭାବନା ବିରଳ । ତାପରେ ଏ ବର୍ଷ ଅଛି ଦୁଇ ଶତ । ଭବିଷ୍ୟତରେ ମୁଦ୍ରଣ ପାଇଁ ବ୍ୟବହୃତ ଦ୍ରବ୍ୟର ମୂଲ୍ୟ ବୃଦ୍ଧି ଯୋଗୁଁ ନିଶ୍ଚିତ ଭାବରେ ଏହା ବଢିବ । ତାକୁ ଗଣନାକୁ ନ ନେଇ ଆଜିକା ହିସାବରେ ହିସାବ କଲେ ମଧ୍ୟ ଶହେଟି ଲେଖା ବାହାର କରିବାକୁ କୋଡିଏ ହଜାର ଟଙ୍କା ଦେବାକୁ ପଡିବ । ମୁଁ ଛାପାଖାନାରେ ପଚାରି ବୁଝିଛିଯେ । ଶହେ ପୃଷ୍ଠାର ଏକ ପୁସ୍ତକର ଚାରି ଶହ ଖଣ୍ଡ ପାଇଁ କୋଡିଏ ହଜାର ଟଙ୍କା ଖର୍ଚ୍ଚ ହେବ । ଏଥିରେ ଦେଖ ପୁସ୍ତକଟି ସମ୍ପୂର୍ଣ୍ଣ ନିଜସ୍ୱ , ପୁଣି ଚାରି ଶହ ଖଣ୍ଡ । ତୁ ଗୋଟିଏ ସ୍ୱତନ୍ତ୍ର ଲେଖକ ପରିଚିତି ପାଇବୁ । ଖୁସିରେ ନିଜ ଲୋକଙ୍କୁ ବିନା ମୂଲ୍ୟରେ ଖଣ୍ଡିଏ ଲେଖା ବହି ଦେଇ ପାରିବୁ । ଯଦି କିଛି ବିକ୍ରି ହେଲା ତୁ ଖର୍ଚ୍ଚରୁ କିଛି ଫେରି ପାଇବୁ । ତାପରେ ତୁ ନିଜସ୍ୱ ଲେଖା ହିସାବରେ ସାହିତ୍ୟ ଏକାଡେମି ପରି କିଛି ସଂସ୍ଥାକୁ ପଠେଇ ପାରିବୁ । ତୋର ଶହେ ଲେଖା ଗୋଟିଏ ଗୋଟିଏ ଫୁଲ ନ ହୋଇ ଗୋଟିଏ ସୁନ୍ଦର ହାର ହେଇଯିବ ଯାହାକି ସବୁଦିନ ପାଇଁ ତତେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବ । ରାଶି ନକ୍ଷତ୍ର ଭଲ ଥିଲେ ପୁରସ୍କାର ଓ ମାନପତ୍ର ପାଇଯାଇ ପାରୁ ।

ଗୋଟିଏ ପୁସ୍ତକ ପ୍ରକାଶ ହୋଇଗଲେ ତାର ପାଶ୍ୱର୍ ପ୍ରତିକ୍ରିୟା ମଧ୍ୟ କିଛି ହୋଇପାରେ । ସାହିତ୍ୟ ସାଧକ ହିସାବରେ ତୋର ଏକ ପରିଚୟ ପତ୍ର ମିଳିଗଲା । ତୁ ସାହିତ୍ୟ ଉପବନରେ ବୃକ୍ଷ କି ବୁଦା ହୋଇ ନ ପାରିଲେ ନାହିଁ ଗୋଟିଏ ଦୁବ ତ ହୋଇ ପାରିବୁ । ଯେଉଁ ପତ୍ରିକାର ସମ୍ପାଦକ ମାନେ ତୋର ଲେଖାକୁ ଅଳିଆ ଡବାରେ ଫିଙ୍ଗି ଦେଉଥିଲେ ସେମାନଙ୍କର ସୁଦୃଷ୍ଟି ପଡି ତୋ ଲେଖା ତାଙ୍କ ପତ୍ରିକାରେ ବାହାରିପାରେ । ସଭା ସମିତିରେ ସମ୍ମାନିତ ଅତିଥି ହେବାର ସୁଯୋଗ ମିଳିପାରେ ।

ସବୁଠାରୁ ବଡ କଥା ହେଲା ଆତ୍ମସନ୍ତୋଷ । ନିଜକୁ ଖୁସି ଲାଗିବ ଯେ ନିଜର ଲେଖା ଯେମିତି ବି ହେଉ ପ୍ରକାଶ ପାଇଛି । ତେଣୁ ନୂତନ ସୃଷ୍ଟି କରିବାକୁ ଉତ୍ସାହ ଲାଗିବ । ଧିରେ ଧିରେ ଲେଖା ଉନ୍ନତମାନର ହେବ ।

କେବଳ ଏଠାରେ ସମସ୍ୟା ଏତିକି ଯେ ପଚିଶ ବର୍ଷ ପର୍ଯ୍ୟନ୍ତ ତିନି ମାସିଆ କିସ୍ତିରେ ଯାହା ଦେଇଥାନ୍ତୁ ତାକୁ ଏକକାଳୀନ ଯୋଗାଡ କରିବାକୁ ପଡିବ । ସେଥିପାଇଁ ପରିବାର ସଦସ୍ୟଙ୍କ ଠାରୁ ଭଲ ମନ୍ଦ ଶୁଣିବାକୁ ପଡିପାରେ । ଅହଙ୍କାର କରୁଥିବା ସାହିତ୍ୟ ସାଥି ମାନଙ୍କ ଠାରୁ ସମାଲୋଚିତ ହେବା ନିଶ୍ଚିତ । ପୁସ୍ତକ ବିକ୍ରେତା ପାଖକୁ ଗଲେ ନୈରାଶ୍ୟଜନକ ମନ୍ତବ୍ୟ ମିଳିବାର ସମ୍ଭାବନା ଅଧିକ । ସେ ଯାହା ବି ହେଉ ମୁଁ ଏ ନିଅାଁଗିଳା ଭୂଆଁବୁଲା ଆଦି ସଂସ୍ଥାକୁ ଲେଖା ନଦେଇ ନିଜେ ମୋର ଲେଖା ପ୍ରକାଶ କରିବାକୁ ମନସ୍ଥ କରିଛି ।

ମୋ: ୯୯୩୭୪୮ ୭୨୮୪
ଦଧିବାମନ କଲୋନି , ଧନକଉଡା ,
ସମ୍ବଲପୁର - ୭୬୮୦୦୬

# ସେ କିଏ ?

**ସୁଶାନ୍ତ କୁମାର ଶତପଥୀ**

ସେ କିଏ?

ମୋ ଜୀବନର ଅନ୍ଧାର ରାତିରେ
ପ୍ରଥମ ଚନ୍ଦ୍ରକିରଣ ପରି ଆସିଥିବା ଏକ ନାମ,
ମୋ ନୀରବତାର ଭିତରେ
ଅକଥିତ ଗୀତ ହୋଇ ଝଙ୍କାରିଥିବା ଏକ ସ୍ୱର।

ସେ କିଏ?

ମୋ ହୃଦୟର ନିର୍ଜନ ବନରେ
ଫୁଟିଥିବା ପ୍ରଥମ ଶିଉଳି ଫୁଲ,
ମୋ ଆଖିର ଅପେକ୍ଷାରେ
ଜାଗିଥିବା ଏକ ଶାଶ୍ୱତ ସକାଳ।

ତା'ର ଉପସ୍ଥିତି...

ସୂର୍ଯ୍ୟ ଉଠିବା ପରି ସାଧାରଣ,
କିନ୍ତୁ ତା' ବିନା ଜୀବନ
ଅନନ୍ତ ଅନ୍ଧକାର ପରି ଅସହ୍ୟ।

ସେ ଥିଲେ
ବାତାସରେ ସୁଗନ୍ଧ ଥାଏ,
ପଥରେ ଫୁଲ ଫୁଟେ,
ସମୟ ମଧ୍ୟ ମୃଦୁ ହୋଇଯାଏ।

ତା'ର ସାରତ୍ୱ...

କେବଳ ରୂପ ନୁହେଁ,
କେବଳ ହସ ନୁହେଁ,
ସେ ମୋ ଆତ୍ମାର ଏକ ଅଂଶ,
ଯାହାକୁ ଭଗବାନ ବୋଧହୁଏ
ମୋ ପାଇଁ ଅଲଗା କରି ଗଢ଼ିଥିଲେ।

ସେ ମୋ କବିତାର ଅର୍ଥ,
ମୋ ପ୍ରାର୍ଥନାର ଉତ୍ତର,
ମୋ ସ୍ୱପ୍ନର ସବୁଠାରୁ ସୁନ୍ଦର ସତ୍ୟ।

ତା'ର ଅନୁପସ୍ଥିତି...

କେହି ଦେଖିପାରନ୍ତି ନାହିଁ,
କିନ୍ତୁ ମୁଁ ଅନୁଭବ କରେ—
ଯେପରି ଆକାଶରୁ ଚନ୍ଦ୍ର ହଜିଗଲେ
ସମୁଦ୍ର ନିରବ ହୋଇଯାଏ।

ସେ ନଥିଲେ
ଭିଡ଼ ମଧ୍ୟରେ ମୁଁ ଏକା,
ହସ ମଧ୍ୟରେ ମୁଁ ବିଷାଦ,
ଜୀବନ ମଧ୍ୟରେ ମୁଁ ଅଧୂରା।

ଆଉ ତା'ର ପ୍ରେମ...

ସେ କୌଣସି ଦାବି ନୁହେଁ,
କୌଣସି ଶର୍ତ୍ତ ନୁହେଁ,
ସେ ଏକ ପବିତ୍ର ନଦୀ,
ଯାହା ନୀରବରେ ବହେ
ହୃଦୟରୁ ହୃଦୟକୁ।

ତା'ର ପ୍ରେମରେ
ମୁଁ ନିଜକୁ ହରାଇନି,
ବରଂ ନିଜକୁ ଖୋଜି ପାଇଛି।

ସେ କିଏ?

ସେ ମୋ ପ୍ରେମ,
ମୋ ଅପେକ୍ଷା,
ମୋ କବିତା,
ମୋ ପ୍ରାର୍ଥନା,
ଆଉ ମୋ ଜୀବନର ସବୁଠାରୁ ସୁନ୍ଦର ଅଧ୍ୟାୟ।

ଉପାଧ୍ୟକ୍ଷ
ୱାନ୍ନେସ୍ ଇଣ୍ଟରନ୍ୟାଶନାଲ ସ୍କୁଲ

# କବି ଗୋପବନ୍ଧୁ

**କବି-ଅଧ୍ୟାପକ ଡଃ.ମନୋରଂଜନ ମିଶ୍ର**



ଜୀବନର ଜଳଛବି ଜୀବନ୍ତ କବିତା
କୃତି ତବ ଅବିନାଶୀ ଅମୃତ ସବିତା।
ତୁମ ପ୍ରିୟ ଅନୁଭବ 'ଅବକାଶ ଚିନ୍ତା'
ଦେଇଅଛି ଏ ବିଶ୍ୱରେ ଅଭିନବ ବାର୍ତ୍ତା।
ଦେଶପାଇଁ ଜାତିପାଇଁ ପ୍ରତିକ୍ଷଣ ଚିନ୍ତା
କାରାବାସ ମଧ୍ୟେ ରହି ସେ 'କାରା କବିତା '।
ମାନବ ଜୀବନେ ଦିଏ ବଞ୍ଚିବାର ରାସ୍ତା
ନିରାଶାର ବାଲି ପରି ଜୀବନ କି ଶସ୍ତା ।
ଦଧୀଚିଙ୍କ ପରି ତୁମେ ହେଲ ଜଗଜ୍ଜିତା
ନିଜ କଥା ଦିନେ ହେଲେ ମନକୁ ଆସନ୍ତା।
ବନ୍ଦୀଶାଳେ ରଚିଥିଲ 'ବନ୍ଦୀ ଆତ୍ମକଥା'
ମାଟିରେ ମିଶିଲା ଦେହ ଭାବି ଦେଶ କଥା।
ଜାତି ଲାଗି ସ୍ୱଚ୍ଛାୟୁକ୍ଷେ ସଜାଇଲ ଚିତା
'ଧର୍ମପଦ' ମାଧ୍ୟମରେ ନିଜ ମନକଥା।
ବର୍ଣ୍ଣିଲ ହେ ମହାକବି ଅପୂର୍ବ ଅଚିନ୍ତା
ତୁମ ପୁତ୍ର କଳ୍ପନାରେ ଲେଖିଲ କବିତା।
ବାର ବରଷର ସେହି ପୁତ୍ର ହୋଇଥାନ୍ତା
ପୁନଶ୍ଚ ପାଶୋରି ତାକୁ କଲ ଦେଶ ଚିନ୍ତା।
ବନ୍ୟା ପ୍ରପୀଡ଼ିତ ପାଇଁ ହେଲ ପିତା ମାତା
କ୍ଷଣକରେ ଲିଭୁ ପଛେ ହୋଇ ଜଗଦ୍ଧିତା।
ତା' ଆଦର ଯଶ ଯେହ୍ନେ ଅଲିଭା ସଳିତା
'ଧର୍ମପଦ' ରଚନାରେ ତୁମେ ଶିକ୍ଷାଦାତା।
କର୍ମ ଏକା ମାନବର ଜୀବନ୍ତ ଦେବତା
କର୍ମେ ଜୀଏଁ କର୍ମେ ମରେ କର୍ମ ହର୍ତ୍ତାକର୍ତ୍ତା ।
ବ୍ରହ୍ମ ତତ୍ତ୍ୱ ବ୍ୟାଖ୍ୟା କରେ ତୁମ୍ଭ 'ନଚିକେତା'
ଜୀବନରେ ନରେ ହୁଅ ବ୍ରହ୍ମ ବାଣୀ ଚେତ୍ତା ।
ପିତା ମାତା ଶିକ୍ଷା ଦାତା ପରି ଯେ 'ଗୋମାତା'
ପୟ ପାନ କରାଏ ସେ ସତେ କି ଅମୃତା ।
'ଗୋ ମାହାତ୍ମ୍ୟ' କବିତାରେ ଏହି ସାରକଥା
ବର୍ଣ୍ଣିଅଛ ତୁମେ ସବୁ ପରା ହେ ମହାତ୍ମା।
ଗୋପବନ୍ଧୁ ଗାନ୍ଧୀ ନାମ ନେଇ ରାଜନେତା
କରନ୍ତି ଶାସନ ବୋକା ବନାଇ ଜନତା।
ଧନ୍ୟ କବି ଗୋପବନ୍ଧୁ ନିଃସ୍ୱାର୍ଥ ଦେବତା
ତୁମ୍ଭ ପଦାନୁସରଣେ ରହୁ ଆମ୍ଭ ମଥା ।

ମୋ -+919438677614
ସିମୋର ବାଘମାରୀ,ଖୋରଧା

# ଅପମାନିତ ହେଉଛି ରାଜ୍ୟ, ଲଜ୍ଜିତ ହେଉନାହାନ୍ତି ସରକାର : ଭକ୍ତ

**ଭୁବନେଶ୍ୱର; ୩୦/୬(ଆପଣଙ୍କ ସ୍ୱର)** : ପ୍ରଦେଶ କଂଗ୍ରେସ ଭବନଠାରେ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ଉପସ୍ଥିତିରେ ଓ କଟକ ସିଟି ଜିଲ୍ଲା କଂଗ୍ରେସ ସଭାପତି ଶାନ୍ତାୟନ ମିଶ୍ର ଏବଂ ପିସିସି ସୋସିଆଲ ମିଡ଼ିଆ ଅଧ୍ୟକ୍ଷ ବିଶ୍ୱଜିତ ମହାନ୍ତିଙ୍କ ନେତୃତ୍ୱରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି ।

ଏହି ମିଶ୍ରଣ ପର୍ବରେ ଓଡିଶା ହାଇକୋର୍ଟ ବାର ଆସୋସିଏସନର ପୂର୍ବତନ ଉପ ସଭାପତି କରୁଣାକର ରଥ ଏବଂ ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ବହୁ ଆଇନଜୀବୀ ଓ ତାଙ୍କର ଶତାଧିକ ସହକର୍ମୀ କଂଗ୍ରେସ ତଥା ରାହୁଲ ଗାନ୍ଧୀଙ୍କ ନୀତି ଆଦର୍ଶରେ ଓ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ବଳିଷ୍ଠ ନେତୃତ୍ୱରେ ଅନୁପ୍ରାଣିତ ହୋଇ କଂଗ୍ରେସ ଦଳରେ ସାମିଲ ହୋଇଛନ୍ତି ।

ଏହି ମିଶ୍ରଣ ପର୍ବରେ ଯୋଗଦେଇ ପିସିସି ସଭାପତି ଶ୍ରୀ ଦାସ କହିଛନ୍ତି ଯେ, ବିଶିଷ୍ଟ ଆଇନଜୀବୀ ମାନଙ୍କ ଦଳରେ ମିଶ୍ରଣ ଫଳରେ କଂଗ୍ରେସ ପାଇଁ ନ୍ୟାୟିକ ଲଢେଇ ସହଜ ହେବ । ଜନସ୍ୱାର୍ଥ ମାମଲା ହାଇକୋର୍ଟରେ ଏକଜାମିନ କରାଯିବ । ବର୍ତ୍ତମାନର ସରକାର ହେଉଛି ମୂର୍ଖଙ୍କ ସରକାର ତେଣୁ ସେମାନେ ମୂର୍ଖ ତିଆରି କରୁଛନ୍ତି କାରଣ ମେଧାବୀ ଛାତ୍ର ବାହାରିଲେ ଚାକିରୀ ଦେବାକୁ ପଡ଼ିବ । ସରକାରଙ୍କ ରାଜ୍ୟ ପ୍ରତି ପ୍ରତିବଦ୍ଧତା ନାହିଁ । ବିଭିନ୍ନ ଅଘଟଣ ଘଟି ରାଜ୍ୟ ପ୍ରତିଦିନ ଅପମାନିତ ହେଉଛି ରାଜ୍ୟ ତଥାପି ସରକାର ଲଜ୍ଜିତ ହେଉ ନାହାନ୍ତି ।ଛାତ୍ରଙ୍କ ଭବିଷ୍ୟତ ପାଇଁ ଏମାନଙ୍କ କେତେ ଆନ୍ତରିକତା ଅଛି ନିଟ ପ୍ରଶ୍ନ ପତ୍ର ପ୍ରଘଟ ଓ ଓଡିଶା ଶିକ୍ଷା ପାଠ୍ୟ ପୁସ୍ତକ ତ୍ରୁଟି ଏହାର ଜ୍ୱଳନ୍ତ ଉଦାହରଣ । ସାରା ଦେଶରେ ବିଶେଷତଃ ରାହୁଲ ଗାନ୍ଧୀଙ୍କ କୋଟା କାର୍ଯ୍ୟକ୍ରମ ପରେ ଛାତ୍ରଙ୍କ ବିରୋଧ ପ୍ରତିଧ୍ୱନି ଶୁଭିବା ଆରମ୍ଭ ହୋଇଛି । ସମାଜର କୌଣସି ବର୍ଗଙ୍କ ପାଇଁ ଅନୁକୂଳ ବାତାବରଣ ନାହିଁ । ପରିବର୍ତ୍ତନର ଓ ଅନ୍ୟାୟକୁ ବିରୋଧର ଲଢେଇ ପାଇଁ ରାହୁଲ ଗାନ୍ଧୀ ଆହ୍ୱାନ ଦେଇଛନ୍ତି । ଆପଣମାନଙ୍କ ଭଳି ବୁଦ୍ଧିଜୀବୀ ବର୍ଗଙ୍କୁ ଅନୁରୋଧ ପରିବର୍ତ୍ତନ ରାଜନୀତିରେ ଯୋଗଦେଇ ଲୋକାଭିମୁଖୀ ସଂସ୍ଥାଗତ ଢାଞ୍ଚା ନିର୍ମାଣ କରିବା ।ଦଳ ଆଗକୁ ବଢୁଛି କଂଗ୍ରେସ କ୍ଷମତାକୁ ନିଶ୍ଚୟ ଆସିବ ଆସନ୍ତା ଦିନରେ ଅନେକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇ ହଜାର ହଜାର ସଂଖ୍ୟାରେ ଲୋକ କଂଗ୍ରେସରେ ଯୋଗଦାନ କରିବେ ବୋଲି ସଭାପତି ଶ୍ରୀ ଦାସ କହିଛନ୍ତି । ସୂଚନାଯୋଗ୍ୟ, ଆଡ଼ଭୋକେଟ ରଥ ପୂର୍ବରୁ ଜନତା ପାର୍ଟି ଓ ବିଜେଡିର ଜଣେ ଆଗଧାଡିର କାର୍ଯ୍ୟକର୍ତ୍ତା ଭାବରେ କାର୍ଯ୍ୟ କରିଥିଲେ ଓ 1990 ମସିହାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘର ଫୁଲବାଣୀ ମାଳାଞ୍ଚଳ ପ୍ରକଳ୍ପର ଦାୟିତ୍ୱ ବହନ କରିଥିଲେ ।ଆଜିର ମିଶ୍ରଣ ପର୍ବ କାର୍ଯ୍ୟକ୍ରମକୁ ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷ ଶ୍ରୀ ମହାନ୍ତି ପରିଚାଳନା କରିଥିବାବେଳେ ପିସିସି ଉପସଭାପତି ସନ୍ତୋଷ ସିଂ ସାଲୁଜା, ଦେବାଶିଷ ପଟ୍ଟନାୟକ, କୋଷାଧ୍ୟକ୍ଷ ସିଦ୍ଧାର୍ଥ ଦାଶ, ପିସିସି ମିଡ଼ିଆ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ, ପିସିସି ଆଇନ ବିଭାଗ ଅଧ୍ୟକ୍ଷ ରତିକାନ୍ତ ମହାପାତ୍ର, କଂଗ୍ରେସ ନେତା ବିଶ୍ୱଜିତ ଦାଶ, ହାଇକୋର୍ଟ ବାର ସଙ୍ଘର ପୂର୍ବତନ ସମ୍ପାଦକ ଆଇନଜୀବୀ ଆଲୋକ ପ୍ରସାଦ ନନ୍ଦ ମଞ୍ଚାସିନ ଥିଲେ ଓ କିଷାନ ସେଲର ସାଧାରଣ ସମ୍ପାଦକ ଆଡ଼ଭୋକେଟ ସୂର୍ଯ୍ୟ ନାରାୟଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାରେ ପୋଲିଓ ଟୀକାକରଣ ଅଭିଯାନ ଆରମ୍ଭ

**ଯାଜପୁର,୩୦/୬(ଆପଣଙ୍କ ସ୍ୱର)** : ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପଲ୍ସ ପୋଲିଓ ଟୀକାକରଣ (ଆଇପିପିଆଇ-୨୦୨୬) ଅଭିଯାନ ଉଦଘାଟିତ ହୋଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ବିଜୟ କୁମାର ମିଶ୍ର ଆଜି ଏହାର ଶୁଭାରମ୍ଭ କରିଛନ୍ତି । ୨୮ ଜୁନ ରୁ ୩୦ ଜୁନ ୨୦୨୬ ଯାଏଁ ତିନି ଦିନ ଧରି ଏହି କାର୍ଯ୍ୟକ୍ରମ ଚାଲିବ । ଯାଜପୁର ଜିଲ୍ଲାରେ ୫ ବର୍ଷରୁ କମ ବୟସର ୧,୭୮,୪୭୮ ଶିଶୁ ଏହି ପୋଲିଓ ଟିକାକରଣ ଅଭିଯାନରେ ଉପକୃତ ହେବେ । ଜିଲ୍ଲାରେ ମୋଟ ୮୪୬ ଟି ପୋଲିଓ ବୁଥ ରହିଥିବା ବେଳେ ୩୩୮୪ ଜଣ କର୍ମକର୍ତ୍ତା ଏବଂ ୧୬୫ ଜଣ ସୁପରଭାଇଜର ଏଥିପାଇଁ ନିୟୋଜିତ ହେବେ । ୨୧ ଟି ଭ୍ରାମ୍ୟମାଣ ଟିମ୍ ଏହି କାର୍ଯ୍ୟ ସମ୍ପାଦନ କରିବେ । ପ୍ରଥମ ଦିନରେ ବୁଥ ସ୍ତରୀୟ କାର୍ଯ୍ୟକ୍ରମ ହେଉଥିବା ବେଳେ ବାକି ଦୁଇ ଦିନରେ ଘରକୁ ଘର ବୁଲି ଡାକ୍ତରୀ ଟିମ୍ ପରିଦର୍ଶନ କରିବେ ଏବଂ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରିବେ । ଉଦଘାଟନୀ କାର୍ଯ୍ୟକ୍ରମରେ ବଡ଼ଚଣା ବାସିନ୍ଦା ବିଶ୍ୱଜିତ ରାଉତ ଓ ଜସ୍ମିନ ମିଶ୍ରଙ୍କ କନ୍ୟା ଜାହ୍ନବୀ ରାଉତଙ୍କୁ ପୋଲିଓ ବୁନ୍ଦା ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ଡିଏମଓ ମନୋଜ କୁମାର ସେନାପତି, ଏଡିପିଏଚସିଓ ସଂଯୁକ୍ତା ପଣ୍ଡା, ରମାକାନ୍ତ ବାରିକ, ଦୋଳଗୋବିନ୍ଦ ପଣ୍ଡା, ସିସିଟି ରମେଶ କୁମାର ମିଶ୍ର, ଜାକି ଆଲାମ, ମାନସ ରଞ୍ଜନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।

# ଖୋର୍ଦ୍ଧା ସରକାରୀ କର୍ମଚାରୀ ସାଂସ୍କୃତିକ ପରିଷଦ ର ବାର୍ଷିକ ଉତ୍ସବ

**ଖୋର୍ଦ୍ଧା ୩୦/୬(ଆପଣଙ୍କ ସ୍ୱର)** :ଏକ ମନୋଜ୍ଞ ପରିବେଶ ମଧ୍ୟରେ ଖୋର୍ଦ୍ଧା ଜିଲ୍ଲା ସରକାରୀ କର୍ମଚାରୀ ସାଂସ୍କୃତିକ ପରିଷଦ ର ବାର୍ଷିକ ଉତ୍ସବ ୨୦୨୬ ଜିଲ୍ଲା ସଦର ମହକୁମା ପୌରପରିଷଦ ଟାଉନ୍ ହଲ୍ ଠାରେ ପାଳିତ ହୋଇଯାଇଅଛି । ଅନୁଷ୍ଠାନର ସ୍ଥାୟୀ ସଭାପତି ଶ୍ରୀ ବିଶ୍ୱନାଥ ସାହୁ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ ଶ୍ରୀ ଜଗନ୍ନାଥଙ୍କ ବିଗ୍ରହ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରି କହିଲେ ଜିଲ୍ଲା ସରକାରୀ କର୍ମଚାରୀ ସାଂସ୍କୃତିକ ପରିଷଦ ଙ୍କ ନିରନ୍ତର ପ୍ରଚେଷ୍ଟା ଫଳରେ ଆଜିର କାର୍ଯ୍ୟକ୍ରମ ସଫଳ ହୋଇଛି । ନାଟକ ମନୋରଞ୍ଜନ କରିବା ସହ ସାଂସ୍କୃତିକ, ଆଧ୍ୟାତ୍ମିକ, ଚେତନା ଜାଗ୍ରତ କରିଥାଏ, ମନୁଷ୍ୟର ଏବଂ ବ୍ୟକ୍ତିର ମାନସିକ ଭାର କମାଇବା ସହ ବ୍ୟକ୍ତିର ଦକ୍ଷତା ବିକାଶରେ ସହାୟକ ହୋଇଥାଏ । ନାଟ୍ୟ ପଞ୍ଚମ ବେଦ ଭରତ ମୁନି ଙ୍କ ଅବଦାନ ବୋଲି ସେ ପ୍ରକାଶ କରିଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଖୋର୍ଦ୍ଧା,ଶ୍ରୀ ଜ୍ୟୋତି ଶଙ୍କର ସାହୁ ଯୋଗଦେଇ କହିଲେ ସ୍ୱାସ୍ଥ୍ୟ ହିଁ ସମ୍ପଦ, ପ୍ରତ୍ୟେକ ବ୍ୟକ୍ତି ମନୋରଞ୍ଜନ ସହ କିଛି ବାହ୍ୟ ଜଗତର ଆନନ୍ଦ ପାଇଁ କ୍ରୀଡ଼ା ଓ ଯୋଗ ଭଳି କାର୍ଯ୍ୟର ଆବଶ୍ୟକତା ଅଛି ଯାହା ମୋବାଇଲ ଭଳି କେତେକ ନାକାରାତ୍ମକ ଅଭ୍ୟାସରୁ ଦୂର କରିଥାଏ ବୋଲି ପ୍ରକାଶ କରିଥିଲେ । ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ନାଟ୍ୟକାର ଓ ନାଟ୍ୟ ନିର୍ଦ୍ଦେଶକ ଶ୍ରୀ ଅଶୋକ କୁମାର ଶତପଥୀ ଯୋଗଦେଇ ଓଡ଼ିଶାର ନାଟ୍ୟ କଳାର ଉପଯୋଗିତା ସମ୍ବନ୍ଧରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ଚଳ ଚିତ୍ର ନିର୍ଦ୍ଦେଶକ,ସୁବାଷ ଚନ୍ଦ୍ର ରଥ, ଯୁଗ ସ୍ରଷ୍ଟା ସ୍ମରଣିକା ଡାକ୍ତର ଅନ୍ତର୍ଯ୍ୟାମୀ ତ୍ରିପାଠୀ , ଅନୁଷ୍ଠାନର ଉପ ସଭାପତି ବିରଞ୍ଚି ନାରାୟଣ ସାହୁ, ସମ୍ପାଦକ ଗିରିଶ ନନ୍ଦ, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ଯୋଗଦେଇ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଉପଲକ୍ଷେ ମୁଖ୍ୟଅତିଥି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଏବଂ ସମସ୍ତ ଅତିଥି ସ୍ମୃତିଣିକା "ଯୁଗ ସ୍ରଷ୍ଟା" ଉନ୍ମୋଚନ କରିଥିଲେ । ସେହିପରି ସାହିତ୍ୟ, ସଂସ୍କୃତି, ସାମାଜିକ କ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ମେମେଣ୍ଟୋ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ, ସାଧାରଣ,ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଙ୍କୁ ଉତ୍ତରୀୟ ଓ ସ୍ମୃତି ଫଳକ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯିବା ସହ ସମସ୍ତ ଅତିଥି ମାନଙ୍କୁ ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ନାଟକ ବଂଶ ବୈଭବ ପରିବେଷଣ କରାଯାଇଥିଲା ।

# ସ୍ୱତନ୍ତ୍ର ସଘନ ସଂଶୋଧନ (SIR)-୨୦୨୬ ସମ୍ପର୍କିତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳମାନଙ୍କ ସହ ଜିଲ୍ଲାପାଳଙ୍କ ସମୀକ୍ଷା ବୈଠକ.

**କେନ୍ଦ୍ରାପଡ଼ା,୩୦/୬(ଆପଣଙ୍କ ସ୍ୱର)** : ସ୍ୱତନ୍ତ୍ର ସଘନ ସଂଶୋଧନ (SIR)-୨୦୨୬ କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା ନିମନ୍ତେ ଆଜି କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ରଘୁରାମ ଆର. ଆୟରଙ୍କ ଅଧ୍ୟକ୍ଷତାରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଏହି ବୈଠକରେ ଡିସିସି (କଂଗ୍ରେସ)ର ଉପସଭାପତି ଶ୍ରୀ ପ୍ରଫୁଲ୍ଲ କୁମାର ଦାସ, ବିଜେପିର ସାଧାରଣ ସମ୍ପାଦକ ଶ୍ରୀ ଉପୀନ କୁମାର ରାଉତ, ବିଏସପିର ଜିଲ୍ଲା ପ୍ରଭାରୀ ଶ୍ରୀ ସୁଧାକର ମଲ୍ଲିକ, ସିପିଆଇ(ଏମ୍)ର ସମ୍ପାଦକ ଶ୍ରୀ ଗୟାଧର ଧଳ ଏବଂ ବିଜେଡିର ଜିଲ୍ଲା ସଭାପତି ଶ୍ରୀ ଶିବ ପ୍ରସାଦ ଭୋଳ ଉପସ୍ଥିତ ଥିଲେ ।

ବୈଠକରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ନବକ୍ରିଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଅତିରିକ୍ତ ଉପଜିଲ୍ଲାପାଳ ସନ୍ଧ୍ୟାଞ୍ଜଳି ମାଝୀ ଏବଂ ଡେପୁଟି କଲେକ୍ଟର (ନିର୍ବାଚନ) ଅମୀୟ କେତନ ସ୍ୱାଇଁ ମଧ୍ୟ ଉପସ୍ଥିତ ଥିଲେ । ବୈଠକରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (SIR)-୨୦୨୬ ଅନ୍ତର୍ଗତ ଘରକୁ ଘର ଯାଇ ତଥ୍ୟ ସଂଗ୍ରହ (Enumeration) ଏବଂ ତଥ୍ୟର ଡିଜିଟାଇଜେସନ୍‌ର ଅଗ୍ରଗତି ସମୀକ୍ଷା କରାଯାଇଥିଲା । ଏହାସହ ଖସଡ଼ା ଭୋଟର ତାଲିକା ପ୍ରକାଶ ଓ ପରବର୍ତ୍ତୀ ସଂଶୋଧନ ପ୍ରକ୍ରିୟା ସମ୍ପର୍କରେ ଆଲୋଚନା କରାଯାଇଥିଲା ।

ଜିଲ୍ଲାପାଳ ଏକ ସମ୍ପୂର୍ଣ୍ଣ, ସଠିକ୍ ଏବଂ ଅନ୍ତର୍ଭୁକ୍ତିମୂଳକ ଭୋଟର ତାଲିକା ପ୍ରସ୍ତୁତି ପାଇଁ ସମସ୍ତ ଅଂଶୀଦାରଙ୍କ ସକ୍ରିୟ ସହଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ । ବୁଥ୍ ସ୍ତରୀୟ ଅଧିକାରୀ (BLO) ଓ ବୁଥ୍ ସ୍ତରୀୟ ଏଜେଣ୍ଟ (BLA)ଙ୍କ ମଧ୍ୟରେ ସମନ୍ୱୟ ବୃଦ୍ଧି କରିବା, ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ BLO-BLA ବୈଠକ ଆୟୋଜନ କରିବା ଏବଂ ଭୋଟର ତାଲିକା ସମ୍ବନ୍ଧୀୟ ବିଷୟଗୁଡ଼ିକର ଫଳପ୍ରଦ ସମାଧାନ ଉପରେ ମଧ୍ୟ ବିଶେଷ ଆଲୋଚନା ହୋଇଥିଲା ।

ରାଜନୈତିକ ଦଳର ପ୍ରତିନିଧିମାନେ ମଧ୍ୟ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ଅଧିକ ସୁଚାରୁ ଓ ସ୍ୱଚ୍ଛ କରିବା ନିମନ୍ତେ ବିଭିନ୍ନ ମତାମତ ଓ ପ୍ରସ୍ତାବ ରଖିଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ସମଗ୍ର ପ୍ରକ୍ରିୟାରେ ସ୍ୱଚ୍ଛତା, ଅନ୍ତର୍ଭୁକ୍ତିକରଣ ଏବଂ ସଠିକତା ବଜାୟ ରଖିବା ପାଇଁ ପ୍ରତିବଦ୍ଧତା ବ୍ୟକ୍ତ କରାଯାଇଥିଲା ।

# କେନ୍ଦ୍ରାପଡ଼ାର ସମସ୍ତ ୫ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଡିଜିଟାଇଜେସନ କାର୍ଯ୍ୟ ସଫଳତାର ସହ ସମ୍ପୂର୍ଣ୍ଣ

**କେନ୍ଦ୍ରାପଡ଼ା,୩୦/୬(ଆପଣଙ୍କ ସ୍ୱର)** :ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ସ୍ୱତନ୍ତ୍ର ସଘନ ସଂଶୋଧନ (SIR)-୨୦୨୬ କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲା ଆଉ ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଜିଲ୍ଲାର ସମସ୍ତ ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ୧,୪୪୯ଟି ମତଦାନ କେନ୍ଦ୍ରରେ ମତଦାତାଙ୍କ ସୂଚନାର ଡିଜିଟାଇଜେସନ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ୫ ଟି ବିଧାନସଭା ମଧ୍ୟରୁ ୯୭-କେନ୍ଦ୍ରାପଡ଼ା(ଏସସି )ବିଧାନସଭା ମଣ୍ଡଳୀ ଶତପ୍ରତିଶତ ଡିଜିଟାଇଜେସନ କରି ଜିଲ୍ଲାପାଳଙ୍କଠାରୁ ପ୍ରଶଂସିତ ହୋଇଛି ।ଏହି ବ୍ୟାପକ ଅଭିଯାନରେ ବୁଥ୍ ସ୍ତରୀୟ ଅଧିକାରୀ(B-LO) ମାନେ ଗତ ମେ ୩୦ ତାରିଖରୁ ଘରକୁ ଘର ବୁଲି ପରିଗଣନା ଫର୍ମ ବାଣ୍ଟିବା, ସଂଗ୍ରହ ସହିତ ମତଦାତାଙ୍କ ସୂଚନା ସଂଗ୍ରହ କରିଥିଲେ । ସଂଗୃହୀତ ତଥ୍ୟର ସଠିକ୍ ଯାଞ୍ଚ ଓ ଡିଜିଟାଇଜେସନ ପରେ ଆସନ୍ତା ଜୁଲାଇ ୫ ତାରିଖରେ ଖସଡ଼ା ମତଦାନ ତାଲିକା ପ୍ରକାଶ ପାଇବ । ଏହାପରେ ଜୁଲାଇ ୫ରୁ ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ସାଧାରଣ ମତଦାତାମାନେ ନିଜର ଦାବି ଓ ଆପତ୍ତି ଦାଖଲ କରିପାରିବେ । ସମସ୍ତ ଦାବି ଓ ଆପତ୍ତିର ବିଚାର ପରେ ସେପ୍ଟେମ୍ବର ୬ ତାରିଖରେ ଚୂଡ଼ାନ୍ତ ମତଦାନ ତାଲିକା ପ୍ରକାଶ କରାଯିବ । ଡିଜିଟାଇଜେସନ କାର୍ଯ୍ୟ ସହିତ ସମସ୍ତ ନିର୍ବାଚନ ମଣ୍ଡଳୀରେ



ନିର୍ବାଚନ ପଞ୍ଜିକରଣ ଅଧିକାରୀ (ERO), ସହକାରୀ ନିର୍ବାଚନ ପଞ୍ଜିକରଣ ଅଧିକାରୀ, ବୁଥ୍ ସ୍ତରୀୟ ଅଧିକାରୀ (BLO)ଏବଂ ବୁଥ୍ ସ୍ତରୀୟ ଏଜେଣ୍ଟ (BLA) ମାନଙ୍କ ସହ ସମନ୍ୱୟ ବୈଠକ ମଧ୍ୟ ସଫଳତାର ସହ ସମ୍ପନ୍ନ ହୋଇଛି ।ଏହି ସଫଳତା ପାଇଁ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସମସ୍ତ ରାଜନୈତିକ ଦଳ,ଜନସାଧାରଣ , ସମସ୍ତ ERO,AERO, BLO, BLA ଏବଂ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ସହ ଜଡ଼ିତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ନିଷ୍ଠା, ସମନ୍ୱୟ ଏବଂ ପରିଶ୍ରମକୁ ପ୍ରଶଂସା କରି ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଜିଲ୍ଲାପାଳ ସମସ୍ତ ଯୋଗ୍ୟ ମତଦାତାଙ୍କୁ ଖସଡ଼ା ମତଦାନ ତାଲିକା ପ୍ରକାଶ ପରେ ନିଜ ନାମ ଓ ବିବରଣୀ ଯାଞ୍ଚ କରି ଆବଶ୍ୟକ ସ୍ଥଳେ ନିର୍ଦ୍ଧାରିତ ସମୟ ମଧ୍ୟରେ ଦାବି ଓ ଆପତ୍ତି ଦାଖଲ କରିବାକୁ ଅନୁରୋଧ କରିଛନ୍ତି ।

Scanned with OKEN Scanner

## ତୃତୀୟ ସପ୍ତାହରେ ଅର୍ଦ୍ଧେନ୍ଦୁଙ୍କ ଡାଏରୀ

ଚଳିତ ରଜରେ ମୁକ୍ତିଲାଭ କରିଥିବା ଅଭିନେତା ତଥା ପ୍ରଯୋଜକ ଅର୍ଦ୍ଧେନ୍ଦୁ ସାହୁ ଙ୍କ ଡାଏରୀ ତୃତୀୟ ସପ୍ତାହରେ ମଧ୍ୟ ଦର୍ଶକଙ୍କୁ ବାନ୍ଧି ରଖିବାର ସଫଳ ହୋଇଛି । ମିଡିଆ ରିପୋର୍ଟ ଅନୁଯାୟୀ ଫିଲ୍ମଟି ରୋଜଗାର ମଧ୍ୟ ଭଲ କରିଛି ।ଚଳିତ ରଜ ବଜାରକୁ ଅଧିକ ରୋମାଞ୍ଚକର କରିଛି ନୂଆ ଓଡିଆ ଚଳଚ୍ଚିତ୍ର ଡାଏରୀ । ଅଭିନେତା ତଥା ପ୍ରଯୋଜକ ଅର୍ଦ୍ଧେନ୍ଦୁ ସାହୁ ଏକ ନିଆରା ତ୍ରିକୋଣୀୟ ପ୍ରେମ କାହାଣୀ ନେଇ ଦର୍ଶକଙ୍କ ସାମ୍ନାକୁ ଆସିଛନ୍ତି । ଆକ୍ସନ ଏବ ଫ୍ୟାମିଲି ଡ୍ରାମା ପରେ ଅର୍ଦ୍ଧେନ୍ଦୁ ଏହି ଚଳଚ୍ଚିତ୍ରରେ ଏକ ଭିନ୍ନ ଅବତାରେ ନଜର ଆସିଛନ୍ତି । ତାଙ୍କ ସହ ନାୟିକା ଭାବେ ଜସ୍ମିନ ରଥ ଏବଂ ନବାଗତା ପ୍ରଜ୍ଞା ମିଶ୍ର ମୁଖ୍ୟ ଭୂମିକା ସମ୍ଭାଳିଛନ୍ତି । ଏହାର କାହାଣୀ ଓ ଗଭୀର ସଂଳାପ ସିନେପ୍ରେମୀଙ୍କ ମଧ୍ୟରେ ଉତ୍କଣ୍ଠାକୁ ଦ୍ୱିଗୁଣିତ କରିଦେଇଛି ।ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ ବ୍ୟାନରରେ ନିର୍ମିତ ଏହି ହାଇ-ବଜେଟ୍ ଚଳଚ୍ଚିତ୍ରରେ ସୁଶାନ୍ତ ମଣି ନିର୍ଦ୍ଦେଶନା ଦେଇଛନ୍ତି । ଅଭିନେତା କୁନା ତ୍ରିପାଠୀ କାହାଣୀ ଓ ସଂପାଳ ରଚନା କରିଛନ୍ତି । ସୋମେଶ ଶତପଥୀଙ୍କ ସୁମଧୁର ସଂଗୀତ ଏବଂ ଅମିତ ନାୟକ ଓ ଲୁବନ-ଟୁବୁନଙ୍କ କୋରିଓଗ୍ରାଫି ଚଳଚ୍ଚିତ୍ରର ଗୀତଗୁଡିକ ଆହୁରି ଆକର୍ଷଣୀୟ କରିଛି ।ଆମରା ମ୍ୟୁଜିକ ଅଡିଓ ପାର୍ଟନର ଏବଂ ଆଉ ନେକ୍ସଟ ଓଟିଟି ପାର୍ଟନର ରହିଛନ୍ତି । ରଜ ଅବସରରେ ଅର୍ଦ୍ଧେନ୍ଦୁଙ୍କ ଏହି ପ୍ରେମଭରା ଡାଏରୀ ଦର୍ଶକଙ୍କ ମନ ଜିଣିବାରେ ସଫଳ ହେବ ବୋଲି ଆଶା କରାଯାଉଛି ।




## ଜୁହିଙ୍କ ପରିଚା ଚାଷ



ବଢୁଛି ହୋମ୍ ଗାର୍ଡେନିଂର ଚାହିଦା । ସାଧାରଣ ଲୋକଙ୍କ ସହିତ ସେଲିବ୍ରିଟିମାନେ ମଧ୍ୟ ହୋମ୍ ଗାର୍ଡେନିଂକୁ ଗୁରୁତ୍ୱ ଦେବା ଆରମ୍ଭ କରିଛନ୍ତି । ଏହି ତାଲିକାରେ ଅଭିନେତ୍ରୀ ଜୁହି ଚାୱଲା ମଧ୍ୟ ସାମିଲ ଅଛନ୍ତି । ସୋସିଆଲ୍ ମିଡିଆରେ ଜୁହି କିଛି ଫଟୋ ସେୟାର କରିଛନ୍ତି । ଯେଉଁଥିରେ ସେ ମେଥି, ଧନିଆ ଓ ଟମାଟୋ ପାଇଁ ସ୍ଥାନ ପ୍ରସ୍ତୁତ କରୁଥିବା ଦେଖାଯାଉଛି । ପୋଷ୍ଟରେ ଜୁହି ଲେଖିଛନ୍ତି, ‘ ଏହା ମନକୁ ଶାନ୍ତି ଦେବ ମୁଁ ଜାଣିଛି କିନ୍ତୁ ଯେତେବେଳେ ଏହା ଉତ୍ପାଦନ ହେବ, ମୁଁ କଣ ଏହାକୁ ତୋଳି ଖାଇପାରିବି? କାରଣ ମୁଁ ନିଜେ ଏହା ଚାଷ କରିଛି, ତେଣୁ ଏହା ମୋ ପାଇଁ ବହୁତ ମୂଲ୍ୟବାନ ହେବ. । ମୋର ଏହା ଖାଇବାକୁ ମନ ହେବ ନାହିଁ । ଚାଷ ଜିନିଷମାନଙ୍କ ମୂଲ୍ୟ ବୁଝିବା ସହିତ ତାହାର ଠିକ୍ ବ୍ୟବହାର କରିବା ଶିଖାଇଥାଏ ।ଅନେକ ସମୟରେ ଆମେ ବଜାରରୁ କିଣୁଥିବା ଜିନିଷଗୁଡ଼ିକର ଠିକ ଭାବେ ବ୍ୟବହାର କରି ନପାରିବାରୁ ତାହା ନଷ୍ଟ ହୋଇଯାଇଥାଏ । ଯେତେବେଳେ ଆମେ କୌଣସି ଜିନିଷ ନିଜେ ଚାଷ କରନ୍ତି । ଜିନିଷର ମହତ୍ତ୍ୱ କେତେ ତାହା ବୁଝିଥାଉ । ଜୁହି ଚାୱଲାଙ୍କର ଜୈବିକ ଚାଷ ପ୍ରତି ବହୁତ ଆଗ୍ରହ ରହିଛି ।

## ହଲିଉଡ୍‌ରେ ମିଳିନି ବଲିଉଡ୍ ଭଳି ସଫଳତା

ଗ୍ଲୋବାଲ ଆଇକନ୍ ପ୍ରିୟଙ୍କା ଚୋପ୍ରା ନିକଟରେ କାନ୍ସ ଲାୟନ୍ସ କନଫରେନ୍ସରେ ଯୋଗ ଦେଇଥିଲେ, ଯେଉଁଠାରେ ସେ ତାଙ୍କ ଅଭିନୟ ଯାତ୍ରା ବିଷୟରେ ଖୋଲାଖୋଲି ଭାବେ ଆଲୋଚନା କରିଛନ୍ତି । ଏହି କାର୍ଯ୍ୟକ୍ରମରେ ବାର୍ତ୍ତାଳାପ ବେଳେ ଅଭିନେତ୍ରୀ ସ୍ୱୀକାର କରିଛନ୍ତି ଯେ ତାଙ୍କ ହଲିଉଡ୍ କ୍ୟାରିୟର ଏପର୍ଯ୍ୟନ୍ତ ବଲିଉଡରେ ସେ ସୃଷ୍ଟି କରିଥିବା ସଫଳତା ଏବଂ ଲିଗାସି ସହ ମେଳ ଖାଉନାହିଁ ।ନିଜ ଯାତ୍ରା ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରି ପ୍ରିୟଙ୍କା କହିଛନ୍ତି ଯେ ସେ ଭାରତୀୟ ଚଳଚ୍ଚିତ୍ର ଜଗତରେ ୧୦୦ ରୁ ଅଧିକ ଫିଲ୍ମରେ କାମ କରିଛନ୍ତି ଏବଂ ନିଜ ପାଇଁ ଏକ ଦୃଢ଼ ପରିଚୟ ସୃଷ୍ଟି କରିଛନ୍ତି । ତେବେ ହଲିଉଡ୍ କଥା ଆସିଲେ, ସେ ଅନୁଭବ କରୁଛନ୍ତି ଯେ ସେ ଏପର୍ଯ୍ୟନ୍ତ ସେଠାରେ ବିଶେଷ କିଛି କରିନାହାଁନ୍ତି । ସେ ସ୍ୱୀକାର କରିଛନ୍ତି ଯେ ସେ ଏବେ ବି ପାଶ୍ଚାତ୍ୟରେ ନିଜର ରାସ୍ତା ତିଆରି କରୁଛନ୍ତି ଏବଂ ଭାରତରେ ସେ ହାସଲ କରିଥିବା ଷ୍ଟାରଡମ୍ ସ୍ତରରେ ପହଞ୍ଚିବା ପାଇଁ ତାଙ୍କୁ ଆହୁରି ଅନେକ ଦୂର ଯିବାକୁ ପଡିବ । ନିଜର ପ୍ରଭାବଶାଳୀ ବକ୍ତବ୍ୟ ବ୍ୟତୀତ ପ୍ରିୟଙ୍କା ଚୋପ୍ରା ଏହି ଇଭେଣ୍ଟରେ ନିଜର ଅଲଟ୍ରା-ଏଲିଗେଣ୍ଟ ଫ୍ୟାଶନ୍ ପାଇଁ ମଧ୍ୟ ଧ୍ୟାନ ଆକର୍ଷଣ କରିଥିଲେ । ଏକ ମଲ୍ଟି-କଲର ସାଟିନ୍ ଡ୍ରେସ୍ ଏବଂ ପୋଲକା-ଡଟ୍ ଗାଉନ୍‌ରେ ସେ ବହୁତ ସୁନ୍ଦର ଦେଖାଯାଉଥିଲେ । ତାଙ୍କର ଏହି ଷ୍ଟାଇଲିସ୍ ଲୁକ୍ ପୁଣିଥରେ ପ୍ରମାଣିତ କରିଛି ଯେ ସେ କାହିଁକି ଜଣେ ଗ୍ଲୋବାଲ୍ ଫ୍ୟାଶନ୍ ଆଇକନ୍ ଭାବରେ ପରିଚିତ । ତାଙ୍କର ଏହି ସତ୍ୟବାଦୀ ସ୍ୱୀକାରୋକ୍ତି ଏବଂ ଷ୍ଟାଇଲିସ୍ ଅନ୍ଦାଜ ବର୍ତ୍ତମାନ ଇଣ୍ଟରନେଟରେ ଏକ ପ୍ରମୁଖ ଚର୍ଚ୍ଚାର ବିଷୟ ପାଲଟିଛି ।



## ମାଆ ହେବେ ସାମନ୍ଥା ?



ସାଉଥ୍ ଫିଲ୍ମ ଜଗତର ସଫଳତମ ଅଭିନେତ୍ରୀଙ୍କ ମଧ୍ୟରେ ସବୁବେଳେ ଆଗରେ ଆସିଥାଏ ସାମନ୍ଥାଙ୍କ ନାମ । ନିଜର ଯାଦୁଗରି ଅଭିନୟ ସାଙ୍ଗକୁ ବ୍ୟକ୍ତିଗତ ଜୀବନ ପାଇଁ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି ସାମନ୍ଥା । ଏବେ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ଦାବି କରାଯାଉଛି କି ମାଆ ହେବାକୁ ଯାଉଛନ୍ତି ସାମନ୍ଥା । ଦ୍ୱିତୀୟ ବିବାହ କରିଥିବା ସାମନ୍ଥା ପ୍ରଥମଥର ପାଇଁ ମାଆ ହେବେ ବୋଲି ସୋସିଆଲ ମିଡିଆରେ କୁହାଯାଉଛି । ଫିଲ୍ମର ପ୍ରମୋସନ ସମୟରେ କେକ୍ କାଟୁଥିବା ସମୟର ଭିଡିଓରେ ଗୋଲ୍ ବୁଲାଯାଇଥିବାବେଳେ ସେ ଗର୍ଭବତୀ ଥିବା କୁହାଯାଉଛି । ତେବେ ଏକ ଜାତୀୟ ଗଣମାଧ୍ୟମକୁ ସୂଚନା ଦେଇ 'ମା ଇନ୍ତି ବଙ୍ଗାରମ୍' ଫିଲ୍ମର ଡାଇରେକ୍ଟର ସାମନ୍ଥା ଗର୍ଭବତୀ ହେବା ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି ।

ଅଭିନେତ୍ରୀଙ୍କ ଫିଲ୍ମ 'ମା ଇନ୍ତି ବଙ୍ଗାରମ୍' ହଲରେ ଭଲ ପ୍ରଦର୍ଶନ କରିଥିବା ବେଳେ ଅନ୍ୟପଟେ ଅଭିନେତ୍ରୀଙ୍କ ବ୍ୟକ୍ତିଗତ ଜୀବନରୁ ମଧ୍ୟ ଭଲ ଖବର ଆସିବାକୁ ଯାଉଛି । ଫିଲ୍ମର ସକ୍ସେସ୍ ସେଲିବ୍ରେସନରେ ସେ ନଜର ଆସିଥିଲେ, ଯେଉଁଥିରେ ପ୍ରଶଂସକମାନେ ତାଙ୍କର ବେବି ବମ୍ପ୍ ଦେଖିବାକୁ ପାଇଛନ୍ତି । ଲୋକେ ଏବେଠାରୁ ହିଁ ଅଭିନେତ୍ରୀଙ୍କ ମାଆ ହେବାକୁ ନେଇ ବେଶ୍ ଉତ୍ସାହିତ ଥିବା ଜଣାପଡୁଛନ୍ତି । ସେପଟେ ଏହି ଫିଲ୍ମର ଡାଇରେକ୍ଟର ନନ୍ଦିନୀ କହିଛନ୍ତି କି, ସାମନ୍ଥା ଗର୍ଭଧାରଣ କରିବାର ଏହା ହେଉଛି ଉପଯୁକ୍ତ ସମୟ । କାରଣ ଆମ ସିନେମା ବକ୍ସ ଅଫିସରେ ବଡ଼ ସଫଳତା ପାଇଛି । ମାତ୍ର ଏନେଇ ଆନୁଷ୍ଠାନିକ ଭାବେ ସାମନ୍ଥା କିମ୍ବା ତାଙ୍କ ସ୍ୱାମୀଙ୍କ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ ।

ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ୍ ହେଉଛି, ଯେଉଁଥିରେ ସାମନ୍ଥା ଏବଂ ତାଙ୍କ ସ୍ୱାମୀ ରାଜ୍ ନିଦିମୋରୁ ଫିଲ୍ମ 'ମା ଇନ୍ତି ବଙ୍ଗାରମ୍'ର ସଫଳତାକୁ ସେଲିବ୍ରେଟ୍ କରୁଥିବାର ଦେଖାଯାଉଛନ୍ତି । ଏହି ସମୟରେ ଅଭିନେତ୍ରୀ ଜଣକ ଧଳା ରଙ୍ଗର ଟପ୍ ପିନ୍ଧିଛନ୍ତି ଏବଂ ପ୍ରଶଂସକମାନଙ୍କ ନଜର ତାଙ୍କ ବେବି

## ମୂଷା କରୁଛନ୍ତି ରୋଜଗାର

ମୂଷାକୁ ଦେଖିଲେ ଲୋକେ ସାଧାରଣତଃ ଡରି ଯାଆନ୍ତି । କିନ୍ତୁ ୟୁକେର ୧୯ ବର୍ଷୀୟା ଏଲା ଉଡଲ୍ୟାଣ୍ଡ ଏହି ମୂଷାମାନଙ୍କୁ ହିଁ ନିଜ ରୋଜଗାରର ମାଧ୍ୟମ ବନାଇ ଦେଇଛନ୍ତି । ଭାବୁଥିବେ ମୂଷା କେମିତି ରୋଜଗାରର ମାଧ୍ୟମ ହେଇଛି ? ପ୍ରକୃତ କଥା ହେଉଛି ଏହି ମୂଷାମାନେ ସୁନ୍ଦର ସୁନ୍ଦର ପେଣ୍ଟିଂ ତିଆରି କରୁଛନ୍ତି, ଯାହାର ବଜାରରେ ପ୍ରବଳ ଚାହିଦା ରହିଛି । ଏଲା ଉଡଲ୍ୟାଣ୍ଡ ଫେବୃଆରୀ ୨୦୨୫ରେ ପରୀକ୍ଷାମୂଳକ ଭାବେ ନିଜର ଆଠଟି ପୋଷା ମୂଷା ରମ୍ପଲ, ରୀଡ, ଗୁଲ୍ଲର, ହଚ, ମୋର୍ଗାନ, ଲ୍ୟୁକ, ରସି ଏବଂ ଗିଡିଅନଙ୍କୁ ରଙ୍ଗ ଏବଂ କ୍ୟାନଭାସ ସହିତ ଛାଡ଼ି ଦେଇଥିଲେ । ମୂଷାମାନେ ରଙ୍ଗ ଭିତରେ ବୁଲାବୁଲି କରି ଯେଉଁ ଆର୍ଟ ତିଆରି କଲେ, ତାହା ଦେଖି ଏଲା ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ସେ ଏହି ପେଣ୍ଟିଂଗୁଡ଼ିକୁ ଅନଲାଇନରେ ବିକ୍ରି କରିବା ଆରମ୍ଭ କଲେ । ଲୋକେ ଆଗ୍ରହର ସହ ଅର୍ଡର କଲେ । ଏବେ ଏହି ମିନି ।ମାଷ୍ଟରପିସ୍‌ଗୁଡ଼ିକ ହଜାର ହଜାର ପାଉଣ୍ଡରେ ବିକ୍ରି ହେଉଛି । ଫଳରେ ଏଲା ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି । ଏଲା କହନ୍ତି, ଯେତେବେଳେ ଦେଖିଲି କିଛି ଲୋକ ନିଜ ମୂଷାମାନଙ୍କ ଦ୍ୱାରା ଆର୍ଟ ପ୍ରସ୍ତୁତ କରାଉଛନ୍ତି, ସେତେବେଳେ ମୁଁ ମଧ୍ୟ ଏହାକୁ ଚେଷ୍ଟା କରିବାକୁ ନିଷ୍ପତ୍ତି ନେଲି । ଆରମ୍ଭ ଛୋଟ ସ୍ତରରୁ ହୋଇଥିଲା, କିନ୍ତୁ ଏବେ ଏହି ନିଆରା ବ୍ୟବସାୟ ଭଲ ରୋଜଗାର ଦେବା ଆରମ୍ଭ କରିଛି ।' ଏଲା ଏହି ଟଙ୍କାରେ ନିଜ ୟୁନିଭର୍ସିଟି ଡିଗ୍ରୀର ଫି' ଭରୁଛନ୍ତି । ମୂଷାମାନଙ୍କ ଦ୍ୱାରା ତିଆରି ହେଉଥିବା ପେଣ୍ଟିଂଗୁଡ଼ିକରେ ଛୋଟ ଛୋଟ ପାଦର ଚିହ୍ନ, ରଙ୍ଗର ଅନନ୍ୟ ଛିଟା ଏବଂ ବିଭିନ୍ନ ପ୍ରକାରର ପ୍ୟାଟର୍ନ ଏହି ପେଣ୍ଟିଂଗୁଡ଼ିକୁ ଆକର୍ଷଣୀୟ କରିଥାଏ । କଳାପ୍ରେମୀମାନେ ଏହାକୁ ଘରର କାନ୍ଥକୁ ସଜାଇବା ଓ ଉପହାର ଦେବା ପାଇଁ କିଣୁଛନ୍ତି । ଗୋଟିଏ ପେଣ୍ଟିଂର ମୂଲ୍ୟ ୫୦ ପାଉଣ୍ଡରୁ ଆରମ୍ଭ ହୋଇ ଶତାଧିକ ପାଉଣ୍ଡ ପର୍ଯ୍ୟନ୍ତ ଯାଇଥାଏ ।



## ନିଆରା ମେଳା

ପ୍ରତିବର୍ଷ ଆୟରଲାଣ୍ଡରେ ଏଭଳି ଏକ ନିଆରା ମେଳା ଆୟୋଜନ କରାଯାଏ, ଯାହାକୁ ଦେଖିଲେ ଯେକେହି ବି ଆଶ୍ଚର୍ଯ୍ୟ ହୋଇଯିବେ । ଏହି ମେଳାରେ କେବଳ ସେହି ଲୋକମାନଙ୍କୁ ଏଣ୍ଟ୍ରି ମିଳିଥାଏ, ଯେଉଁମାନଙ୍କର କେଶ ଲାଲ ରଙ୍ଗର । ସାରା ବିଶ୍ୱରୁ ଲାଲ କେଶ ଥିବା ଲୋକମାନେ ଏହି ଆୟରିଶ ରେଡ୍‌ହେଡ୍ କନଭେନସନରେ ସାମିଲ ହେବା ପାଇଁ ଏଠାକୁ ପହଞ୍ଚିଥାନ୍ତି । ଏହି ମେଳା ଏବେ ଆୟରଲାଣ୍ଡର ସବୁଠାରୁ ନିଆରା ଏବଂ ଲୋକପ୍ରିୟ ଉତ୍ସବଗୁଡ଼ିକ ମଧ୍ୟରୁ ଏକ ପାଲଟିଛି । ଏହି ମେଳା ମୁଖ୍ୟତଃ ଗ୍ରୀଷ୍ମ ଋତୁରେ ଆୟୋଜିତ ହୋଇଥାଏ । ଏଠାକୁ ଆସୁଥିବା ଲୋକମାନେ ଲାଲ କେଶର ବିରଳତା ଏବଂ ସୌନ୍ଦର୍ଯ୍ୟକୁ ସେଲିବ୍ରେଟ କରନ୍ତି । ଏହି କାର୍ଯ୍ୟକ୍ରମରେ କନସର୍ଟ, ଡ୍ୟାନ୍ସ, ମଜାଦାର ପ୍ରତିଯୋଗିତା ଯେପରିକି 'ରେଡହେଡ ବିୟୁଟି କଣ୍ଟେଷ୍ଟ', ଫନି ଗେମ୍ସ, ଫଟୋସୁଟ ଏବଂ ଅନେକ ପ୍ରକାରର ଗତିବିଧି ହୋଇଥାଏ । ଲାଲ କେଶ ସାରା ପୃଥିବୀରେ ବହୁତ ବିରଳ ବୋଲି ମନାଯାଏ । ସମଗ୍ର ବିଶ୍ୱର ମାତ୍ର ୧-୨ ପ୍ରତିଶତ ଜନସଂଖ୍ୟାଙ୍କ ମଧ୍ୟରେ ହିଁ ଏହି ଜିନ୍ ଦେଖିବାକୁ ମିଳେ । ଆୟରଲାଣ୍ଡରେ ଲାଲ କେଶ ଥିବା ଲୋକଙ୍କ ସଂଖ୍ୟା ବିଶ୍ୱରେ ସବୁଠାରୁ ଅଧିକ । ଏହି କାରଣରୁ ଏଠାରେ ଏହି ଫେଷ୍ଟିଭାଲ ବିଶେଷ ଭାବେ ପାଳନ କରାଯାଏ । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଏହି ଫେଷ୍ଟିଭାଲର ଆରମ୍ଭ ଜଣେ ହାଲୁକା ସୁନେଲି କେଶ ଥିବା ବ୍ୟକ୍ତି କରିଥିଲେ । ତଥାପି ଏହା ଏତେ ସଫଳ ହେଲା ଯେ ପ୍ରତିବର୍ଷ ହଜାର ହଜାର ଲୋକ ଏଥିରେ ସାମିଲ ହେଉଛନ୍ତି । ଏହି ମେଳା ଆୟରଲାଣ୍ଡର ଏକ ଛୋଟ ସହରରେ ଆୟୋଜିତ ହୋଇଥାଏ । ପିଲାଙ୍କଠାରୁ ଆରମ୍ଭ କରି ବୃଦ୍ଧଙ୍କ ପର୍ଯ୍ୟନ୍ତ ସମସ୍ତେ ଏହି ମେଳାର ମଜା ନିଅନ୍ତି । ଆୟରଲାଣ୍ଡ ସରକାର ମଧ୍ୟ ଏହି ଫେଷ୍ଟିଭାଲକୁ ପ୍ରୋତ୍ସାହନ ଦିଅନ୍ତି, କାରଣ ଏହାଦ୍ୱାରା ପର୍ଯ୍ୟଟନ ଶିଳ୍ପ ଉପକୃତ ହୋଇଥାଏ । ଲାଲ କେଶ ଥିବା ଲୋକମାନେ କେବଳ ଆୟରଲ୍ୟାଣ୍ଡ ନୁହେଁ, ବରଂ ଆମେରିକା, ଅଷ୍ଟ୍ରେଲିଆ, ୟୁରୋପ ଏବଂ ଏସିଆରୁ ମଧ୍ୟ ଏଠାକୁ ଆସନ୍ତି ।



## ୬ ଲକ୍ଷ ଟଙ୍କିଆ ତରଭୁଜ



ଖରାଦିନେ ଭାରତରେ ତରଭୁଜ ପ୍ରଚୁର ପରିମାଣରେ ଓ କମ୍ ମୂଲ୍ୟରେ ମିଳେ । ଘରେ ଘରେ ଲୋକ ଏହାକୁ ଆଣି ଖାଆନ୍ତି । କିନ୍ତୁ ଜାଣନ୍ତି କି ଦୁନିଆରେ ଏମିତି ଏକ ତରଭୁଜ ଅଛି, ଯାହାର ମୂଲ୍ୟ ଗୋଟାକୁ ୬ ଲକ୍ଷ ଟଙ୍କା ! ଏହି ତରଭୁଜ ହେଉଛି ଜାପାନର ଡେନସ୍ୟୁକ ୱାଟରମେଲନ, ଯାହାକି ଦୁନିଆର ସବୁଠାରୁ ମହଙ୍ଗା ତରଭୁଜ ଭାବେ ଜଣାଶୁଣା । ଏହି ତରଭୁଜର ଚୋପା ଚମକଦାର କଳା ରଙ୍ଗର ହୋଇଥାଏ, ଯାହା ଏହାକୁ ସମ୍ପୂର୍ଣ୍ଣ ଭିନ୍ନ ଓ ଅନନ୍ୟ କରିଥାଏ । ଏହାର ଭିତର ଅଂଶ ଗାଢ଼ ନାଲି, ଅତ୍ୟନ୍ତ ମିଠା ଏବଂ କ୍ରିସପି ହୋଇଥାଏ । ଏହି ତରଭୁଜ କେବଳ ଜାପାନର ହୋକାଇଡୋ ଦ୍ୱୀପର ତୋହମା ଅଞ୍ଚଳରେ ଚାଷ କରାଯାଏ । ଏଠାକାର ଆଗ୍ନେୟଗିରି ମାଟି, ଥଣ୍ଡା ଜଳବାୟୁ ଏବଂ ଚାଷର ସ୍ୱତନ୍ତ୍ର ଶୈଳୀ ହିଁ ଏହାର ଦୁର୍ଲଭତା ଓ ସ୍ୱାଦ ପଛର ରହସ୍ୟ । ତେବେ ଏହି ତରଭୁଜ ଏତେ ମହଙ୍ଗା କାହିଁକି ? ପ୍ରକୃତ କଥା ହେଉଛି ଏହା ଅତ୍ୟନ୍ତ ଦୁର୍ଲଭ । ସମଗ୍ର ଜାପାନରେ ବହୁତ କମ ସ୍ଥାନରେ ଏହାର ଚାଷ କରାଯାଏ । ଏକ ସ୍ୱତନ୍ତ୍ର କାଗଜ କିମ୍ବା ନେଟ ସାହାଯ୍ୟରେ ତରଭୁଜକୁ ଡାଙ୍କି ରଖାଯାଏ, ଯେପରି କି ସେଗୁଡ଼ିକର କଳା ଚୋପା ସମ୍ପୂର୍ଣ୍ଣ ପରଫେକ୍ଟ ହେବ । ଚାଷୀମାନେ ନିଜ ହାତରେ ପ୍ରତ୍ୟେକ ତରଭୁଜ ଗଛର ଯତ୍ନ ନିଅନ୍ତି । ମେଶିନ୍‌ର ବ୍ୟବହାର ହୁଏ ନାହିଁ । ଫଳରେ ଏହାର ସ୍ୱାଦ ସାଧାରଣ ତରଭୁଜ ଅପେକ୍ଷା ଅନେକ ଗୁଣ ଅଧିକ ମିଠା ଓ କ୍ରିସପି ହୋଇଥାଏ । ପ୍ରତିବର୍ଷ ସିଜନ୍‌ର ପ୍ରଥମ ତରଭୁଜକୁ ନିଲାମ କରାଯାଏ, ଯେଉଁଠାରେ ଧନୀ ଲୋକମାନେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଏହି ତରଭୁଜକୁ କିଣିଥାନ୍ତି । ପ୍ରିମିୟମ ଡେନସ୍ୱୋକ ତରଭୁଜ ନିଲାମୀରେ ପ୍ରାୟ ୫–୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହୋଇସାରିଛି । ସାଧାରଣ ଭଲ କ୍ୱାଲିଟିର ତରଭୁଜ ୨୦-୨୫ ହଜାର ଟଙ୍କାରେ ବିକ୍ରି ହୋଇଥାଏ । ଜାପାନରେ ଏହି ତରଭୁଜକୁ ମୂଲ୍ୟବାନ ଉପହାର ଭାବରେ ଦିଆଯାଏ । ଏହି ତରଭୁଜ କେବଳ ମହଙ୍ଗା ନୁହେଁ, ବରଂ ପୁଷ୍ଟିକର ମଧ୍ୟ । ଏଥରେ ଭିଟାମିନ, ମିନେରାଲ୍ସ ଏବଂ ଆଣ୍ଟି- ଅକ୍ସିଡାଣ୍ଟ ଭରପୂର ମାତ୍ରାରେ ଥାଏ । ଜାପାନୀ ଲୋକେ ଏହାକୁ 'ବ୍ଲାକ ଜୁଏଲ' ବୋଲି କହିଥାନ୍ତି ।

## ମନ୍‌ସୁନ୍ ଡେଷ୍ଟିନେଶନ ହେଉଛି ଚେରାପୁଞ୍ଜି



ମେଘାଳୟର ଏକ ଆକର୍ଷଣୀୟ ମନ୍‌ସୁନ୍ ଡେଷ୍ଟିନେଶନ ହେଉଛି ଚେରାପୁଞ୍ଜି । ସବୁଜ ସୁନ୍ଦର ପରିବେଶ ସାଙ୍ଗକୁ ନଦୀ, ଝରଣାର କଳକଳ ନାଦ ଏଠାକାର ପରିବେଶକୁ ବେଶ୍ ଆକର୍ଷଣୀୟ କରିଦିଏ । ରିମୁଝିମ୍ ବର୍ଷାରେ ଭିଜିଭିଜି ଏଠାକାର ପାହାଡ଼, ପର୍ବତ, ଝରଣା ଆଦିକୁ ବୁଲି ଦେଖିବାରେ ମିଳିଥାଏ ଏକ ଅପୂର୍ବ ଆନନ୍ଦ ।

ଚେରାପୁଞ୍ଜି ; ଯାହାକି ମେଘାଳୟର ଇଷ୍ଟ ଖାସି ହିଲ୍ସ ଜିଲାରେ ଅବସ୍ଥିତ । ଏହାକୁ କେହି କେହି ସୋହରା ବୋଲି ବି କହିଥାନ୍ତି । ସମୁଦ୍ରପତ୍ତନରୁ ପ୍ରାୟ ୪୬୯୦ ଫୁଟ ଉଚ୍ଚତାରେ ଥିବା ଏହି ସ୍ଥାନରେ କୁଆଡ଼େ ମାତ୍ରାଧିକ ବର୍ଷା ହୋଇଥାଏ ବୋଲି ସୂଚନା ରହିଛି । ସେଥିପାଇଁ ଏଠାକାର ଜଳବାୟୁ ବର୍ଷସାରା ବେଶ୍ ମନୋରମ ରହିଥାଏ । ବିଶେଷକରି ବର୍ଷାଦିନେ ତ ଏଠାକାର ପ୍ରାକୃତିକ ଦୃଶ୍ୟକୁ ଉପଭୋଗ କରିବା ବେଶ୍ ମନଲୋଭା ହୋଇଥାଏ । କାରଣ ଏଠାକାର ନଦୀ, ପୋଖରୀ ଆଦିରେ ପାଣି ଭର୍ତ୍ତି ହୋଇ ରହିଥାଏ । ସେହିପରି ପାହାଡ ଉପରୁ ବୋହୁଥିବା ଝରଣାର କ୍ଷୀପ୍ର ଗତି ବି ଦେଖିବାକୁ ଖୁବ୍ ଆକର୍ଷକ ଲାଗିଥାଏ । ଖାସ୍ ସେଇଥିପାଇଁ ଅଧିକାଂଶ ପର୍ଯ୍ୟଟକ ଚେରାପୁଞ୍ଜିକୁ ବୁଲିଯିବା ପାଇଁ ବର୍ଷାଦିନକୁ ହିଁ ଚୟନ କରିଥାନ୍ତି ।

**କ'ଣ ଦେଖିବା**

ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ଚେରାପୁଞ୍ଜି ଓ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ଅନେକ ଦର୍ଶନୀୟ ସ୍ଥାନମାନ ରହିଛି ।

ଯେମିତିକି: ଲିଭିଙ୍ଗ୍ ରୁଟ୍ ବ୍ରିଜ୍: ଏହା ହେଉଛି ଚେରାପୁଞ୍ଜିର ସ୍ୱତନ୍ତ୍ରତା । ଅର୍ଥାତ୍ ଏଠାରେ ବସବାସ କରୁଥିବା ଲୋକମାନେ କେମିତି ସୁବିଧାରେ ଯିବା ଆସିବା କରିବା ପାଇଁ ଗଛର ଓହଳ ତଥା ଚେରକୁ ବ୍ୟବହାର କରି ମଜଭୁତ୍ ବ୍ରିଜ୍ ତିଆରି କରିହେବ ତା'ର କଳା ବେଶ୍ ଭଲ ଭାବେ ଜାଣିଛନ୍ତି । ସେଥିପାଇଁ ଏହି ଅଞ୍ଚଳର ବିଭିନ୍ନ ସ୍ଥାନରେ ଏକାଧିକ ଲିଭିଙ୍ଗ୍ ରୁଟ୍ ବ୍ରିଜ୍ ଥିବାର ଦେଖିବାକୁ ମିଳିଥାଏ । ପର୍ଯ୍ୟଟକ ଚାହିଁଲେ ଏହି ଲିଭିଙ୍ଗ୍ ରୁଟ୍ ବ୍ରିଜଗୁଡ଼ିକୁ ବୁଲି ଦେଖି କିଛିଟା ନିଆରା ଅନୁଭୂତି ସାଉଁଟିପାରିବେ । ତେବେ ବର୍ଷାଦିନେ ସତର୍କତାର ସହ ଏହା ଉପରେ ଯା'ଆସ କରିବାକୁ ପଡିଥାଏ । ନଚେତ୍ ଓଦାରେ ଗୋଡ଼ ଖସିଯିବାର ଆଶଙ୍କା ଥାଏ । ଜଳପ୍ରପାତ: ଚେରାପୁଞ୍ଜି ଓ ଏହାରଆଖପାଖ ଅଞ୍ଚଳରେ ବହୁ ସୁନ୍ଦର ସୁନ୍ଦର ଜଳପ୍ରପାତ ଥିବାର ପର୍ଯ୍ୟଟକ ଦେଖିବାକୁ ପାଇପାରିବେ । ତନ୍ମଧ୍ୟରୁ ସେଭେନ୍ ସିଷ୍ଟର୍ସ ୱାଟର୍ ଫଲ୍, ନୋହକାଲିକାଇ ୱାଟର୍ ଫଲ୍ ହେଉଛି ଅନ୍ୟତମ । ଏହି ଦୁଇଟି ଜଳପ୍ରପାତର ଆକର୍ଷଣୀୟ ଦୃଶ୍ୟ କାହାକୁ ବି ଆନମନା କରିପାରେ । କେବଳ ଏହି ଦୁଇଟି କାହିଁକି ଆହୁରି ବି ଅନେକ ଛୋଟ ଛୋଟ ଜଳପ୍ରପାତ ଚେରାପୁଞ୍ଜିର ଆଖପାଖ ଅଞ୍ଚଳରେ ଦେଖିବାକୁ ମିଳିଥାଏ । ପର୍ଯ୍ୟଟକ ଚାହିଁଲେ ସ୍ଥାନୀୟ ଟୁରିଷ୍ଟ ଗାଇଡ୍‌ଙ୍କଠାରୁ ଏ ସମ୍ପର୍କରେ ବୁଝି ସେଠାକୁ ବି ବୁଲି ଯାଇପାରିବେ

ଏସବୁ ବ୍ୟତିତ ଏଠାକାର ପାହାଡ, ଜଙ୍ଗଲ ଘେରା ପରିବେଶ ବି ପର୍ଯ୍ୟଟକଙ୍କୁ କିଛିଟା ଭିନ୍ନ ଅନୁଭୂତି ପ୍ରଦାନ କରିଥାଏ ।

**କେବେ ଯିବେ**

ବର୍ଷର ସବୁ ସମୟରେ ବୁଲିଯିବାର ସୁବିଧା ଥିଲେ ହେଁ, ଚେରାପୁଞ୍ଜିକୁ ବୁଲି ଆସିବା ପାଇଁ ବର୍ଷାଦିନ ହେଉଛି ସବୁଠୁ ଭଲ ସମୟ। କାରଣ ଏହିଦିନେ ଏଠାକାର ନଦୀ, ଝରଣା, ପାହାଡ଼, ପର୍ବତର ସୌନ୍ଦର୍ଯ୍ୟ ଅଧିକ ଆକର୍ଷଣୀୟ ଲାଗିଥାଏ। ଆଉ ଏଠାରେ ମାତ୍ରାଧିକ ବର୍ଷା ହେଉଥିବାରୁ ବର୍ଷାର ପ୍ରକୃତ ଆନନ୍ଦ କ'ଣ ତାହା ଏଠି ଅନୁଭବ କରିହୁଏ । କିନ୍ତୁ ବର୍ଷାଦିନେ ଟିକେ ସତର୍କତାର ସହ ବୁଲିବାକୁ ହୋଇଥାଏ। କାରଣ ବର୍ଷା ଯୋଗୁ ରାସ୍ତାଘାଟରେ ଗୋଡ଼ ଖସିଯିବାର ସମ୍ଭାବନା ରହିଥାଏ । ଏସବୁ କଥା ଜାଣି ବି ବହୁ ସଂଖ୍ୟାରେ ପର୍ଯ୍ୟଟକ ବର୍ଷାଦିନେ ହିଁ ଏଠାକୁ ବୁଲି ଆସିଥାନ୍ତି ।

**କେମିତି ଯିବେ**

ସଡ଼କପଥ ହେଉ କି ରେଳପଥ ଅଥବା ଆକାଶପଥ, ପର୍ଯ୍ୟଟକ ଯେଉଁଥରେ ଚାହିଁବେ ସେଥିରେ ଆରାମରେ ଯାଇ ଚେରାପୁଞ୍ଜିରେ ପହଁଞ୍ଚିପାରିବେ ।

Scanned with OKEN Scanner

## ଜିଲ୍ଲାପାଳଙ୍କ ଓ ଆରକ୍ଷୀ ଅଧିକ୍ଷକଙ୍କ ବୋଲଗଡ ପଂଚାୟତ ସମିତି କାର୍ଯ୍ୟାଳୟରେ ମିଳିତ ଜନଶୁଣାଣି ଶିବିର

ଖୋର୍ଦ୍ଧା ୩୦/୬(ଆପଣଙ୍କ ସ୍ୱର) :ବୋଲଗଡ଼ ପଂଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରିତ୍ ଋତୁରାଜ ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀ ପାରମାର ସ୍ମିଥ ଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଶିବିରରେ ମାନ୍ୟବର ବିଧାୟକ,ବେଗୁନିଆ, ଶ୍ରୀଯୁକ୍ତ ପ୍ରଦୀପ କୁମାର ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଶ୍ରୀ ଜ୍ୟୋତି ଶଙ୍କର ସାହୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅନାଦି ଚରଣ ସେଠୀ,ଉପଜିଲ୍ଲାପାଳ, ଖୋର୍ଦ୍ଧା ଶ୍ରୀ ସଂକଳ୍ପ ସ୍ୱସ୍ତିକ ସାହୁ,ଆସିଷ୍ଟାଣ୍ଟ କଲେକ୍ଟର, ଅଭିଯୋଗ, ଭୁବନେଶ୍ୱରୀ କଅଁର ,ବ୍ଲକ ଉନ୍ନୟନ ଅଧିକାରୀ ଏବଂ ତହସିଲଦାର, ବୋଲଗଡ଼ ପ୍ରମୁଖ ଆଜିର ଏହି ପ୍ରଶାସନିକ ଜନ ଅଭିଯୋଗ ଶୁଣାଣୀ ଶିବିରରେ ଯୋଗଦେଇ ଜନସାଧାରଣ ମାନଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଗୁଡ଼ିକର ଶୁଣାଣିରେ ଜିଲ୍ଲାପାଳଙ୍କୁ ସହଯୋଗ ପ୍ରଦାନ କରିଥିଲେ । ଆଜିର ଅଭିଯୋଗ ଶିବିରକୁ ମୋଟ ୫୮ ଗୋଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୩୭ ଗୋଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୨୧ ଗୋଟି ଗ୍ରାମୀଣ ସମସ୍ୟା ଜନିତ ଥିଲା । ଜିଲ୍ଲାପାଳ ଅଭିଯୋଗ ଶିବିରରେ ୦୭ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ । ଅନ୍ୟ ସମସ୍ତ ଅଭିଯୋଗ ଗୁଡ଼ିକୁ ବିଭାଗୀୟ ଅଧିକାରୀ ମାନେ ଯତ୍ନବାନ ହୋଇ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ରେଡକ୍ରସ ପାଣ୍ଠିରୁ ପିଙ୍କି ସୁବୁଦ୍ଧି, କଅଁପୁର, ଖମ୍ଭରିଆ, ବୋଲଗଡଙ୍କୁ ୧୫ ହଜାର, କୁମୁଦିନୀ ମହାନ୍ତି, ହଳଦିପଦା, ସାଗର ବୁହା, ବୋଲଗଡଙ୍କୁ ୧୦ ହଜାର, ହରିବନ୍ଧୁ ନାୟକ, ସାଗର ବୁହା,ବୋଲଗଡ ଙ୍କୁ ୧୦ ହଜାର ସହାୟତା ରାଶି ପ୍ରଦାନ କରିଥିଲେ । ସେହିପରି ବୋହିତା ଦେଇ, ଟାଙ୍ଗୀ ସାହି, ଖାଷିଓଦା, ବୋଲଗଡଙ୍କୁ ୨୦ ହଜାର, ଦିଲ୍ଲୀପ ସାମନ୍ତରାୟ, ରାଣୋଳ, ସାନପଦର, ବୋଲଗଡଙ୍କୁ ୧୫ ହଜାର, ବନିତା ପାଲଟା ସିଂହ, ଅପାସିଆ, ବାବାରହୁଲା ପାଟଣା, ବୋଲଗଡ ଙ୍କୁ ୨୦ ହଜାର ଏବଂ କୁଞ୍ଜ ବିହାରୀ ସୁବୁଦ୍ଧି, ଗୋଡ଼ାପାଟଣା, ସାଗର ବୁହା, ବୋଲ ଗଡଙ୍କୁ ୧୫ ହଜାର ସହାୟତା ରାଶି ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ପ୍ରଦାନ କରିଥିଲେ । ଜନଶୁଣାଣି ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ , ପଂଚାୟତ ପ୍ରତିନିଧି, ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ଓ ଗଣ ମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ ।

## ଛବିରାଣୀଙ୍କ ସ୍ୱାମୀ ନବକିଶୋର ମହାପାତ୍ରଙ୍କ ପରଲୋକ

ବିରିଡ଼ି,୩୦/୬(ଆପଣଙ୍କ ସ୍ୱର) : ଓଡ଼ିଶା ସାମ୍ବାଦିକତା ଜଗତର ଜଣେ ଅକୁତୋଭୟ ସଂଗ୍ରାମୀ ତଥା ଚର୍ଚ୍ଚିତ ବରିଷ୍ଠ ସାମ୍ବାଦିକ ନବକିଶୋର ମହାପାତ୍ର (୭୩)ଙ୍କର ପରଲୋକ ହୋଇଯାଇଛି । ବିରିଡ଼ି ଥାନା ଅନ୍ତର୍ଗତ ବାରେଡିଆ ପଞ୍ଚାୟତ ଢାଅ ସାଇବିରି ଗ୍ରାମର ବାସିନ୍ଦା ନବକିଶୋର କିଛି ଦିନ ହେବ ସ୍ୱାୟୁଜନିତ ରୋଗରେ ପୀଡ଼ିତ ଥିଲେ । ସୋମବାର ବ୍ରହ୍ମପୁରର ଏକ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ମୃତ୍ୟୁଶଯ୍ୟା ନିକଟରେ ଭାଇ ସୁକାନ୍ତ, ଦୁଃଶାସନ, ଲକ୍ଷ୍ମୀଧର, ଦିବାକର, ପ୍ରଶାନ୍ତ, ବିଶ୍ୱରଞ୍ଜନ ଓ ଝିଅ ଶୈଳେଶୀ ମହାପାତ୍ର ଉପସ୍ଥିତ ଥିଲେ । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ପୁତ୍ର ଡାନି ଡେଙ୍ଗୋପା ମହାପାତ୍ର ମୁଖାଗ୍ନି ଦେଇଛନ୍ତି ।



ଏହି ସାହସୀ ସାମ୍ବାଦିକଙ୍କ ବିୟୋଗ ଖବର ଶୁଣିବା ପରେ ସମଗ୍ର ବାଇଶମୌଜା ଅଞ୍ଚଳବାସୀଙ୍କ ମନରେ ୧୯୮୦ ମସିହାର ସେହି ରକ୍ତରଞ୍ଜିତ ଓ ଲୋମହର୍ଷଣକାରୀ ଅଧ୍ୟାୟ ପୁଣି ତାଜା ହୋଇଉଠିଛି । ନବକିଶୋର ସେତେବେଳେ 'ପ୍ରଗତିବାଦୀ' ଖବରକାଗଜରେ ବିରିଡ଼ି ବ୍ଲକ ପ୍ରତିନିଧି ଭାବେ କାର୍ଯ୍ୟ କରୁଥିଲେ । ସେହି ସମୟରେ ବିରିଡ଼ି ବ୍ଲକରେ ଚାଲିଥିବା ଦୁର୍ନୀତି ଏବଂ ଏଥିରେ ଲିପ୍ତ ଥିବା ଦୁର୍ନୀତିଗ୍ରସ୍ତ ବ୍ୟକ୍ତି ଓ ପ୍ରଭାବଶାଳୀ ଅଧିକାରୀଙ୍କ ବିରୋଧରେ ସେ କ୍ରମାଗତ ଭାବେ ସତ୍ୟ ଖବର ପ୍ରକାଶ କରିଥିଲେ । ସତ୍ୟ ପ୍ରକାଶ କରିବା ପରେ ଦୁର୍ନୀତିଗ୍ରସ୍ତ ଅସାମାଜିକ ବ୍ୟକ୍ତିମାନଙ୍କ ଆକ୍ରୋଶର ଶିକାର ହୋଇଥିଲା ତାଙ୍କ ପରି ବାର ସେତେବେଳେ ସେ ବିରିଡ଼ି ଗ୍ରାମରେ ଏକ ଭଡ଼ା ଘରେ ପତ୍ନୀ ଛବିରାଣୀ ମହାପାତ୍ର ଓ ଦୁଇ ବର୍ଷର କୁନି ପୁଅକୁ ନେଇ ରହୁଥିଲେ । ସାମ୍ବାଦିକତା ପାଇଁ ଶତ୍ରୁ ପାଲଟିଥିବା ସେହି ଅଭିଯୁକ୍ତମାନେ ଦିନେ ରାତିରେ ତାଙ୍କୁ ତୁରନ୍ତ ଘର ଛାଡ଼ି ଚାଲିଯିବାକୁ ଧମକ ଦେଇଥିଲେ । ସେମାନଙ୍କ ଭୟରେ ନବକିଶୋର ରାତି ପ୍ରାୟ ୧୦ଟାରେ ନିଜ ପତ୍ନୀ ଓ ଦୁଇବର୍ଷର ଶିଶୁପୁତ୍ରକୁ ଧରି ଘୋର ଅନ୍ଧକାର ଭିତରେ ବିଲୁଆଖାଇ ନଦୀ ପାର ହେବାକୁ ଯାଉଥିଲେ । ମାତ୍ର କିଛି ନରପିଶାଚ ନଦୀ ପଠାରେ ସେମାନଙ୍କୁ ଅଟକାଇ ମରଣାନ୍ତକ ଆକ୍ରମଣ କରିଥିଲେ । ସେହି ଭୟାନକ ପରିସ୍ଥିତିରେ କୁନି ପୁଅର ଜୀବନ ବଞ୍ଚାଇବା ପାଇଁ ପତ୍ନୀ ଛବିରାଣୀ ନିଜ ସ୍ୱାମୀଙ୍କୁ ଅନୁରୋଧ କରି ସେଠାରୁ ପଳାଇଯିବାକୁ କହିଥିଲେ । ପତ୍ନୀଙ୍କ କଥା ମାନି ନବକିଶୋର ପୁଅକୁ ଧରି ସେହି ରାକ୍ଷସମାନଙ୍କ କବଳରୁ କୌଣସି ମତେ ମୁକୁଳି ଯାଇଥିଲେ । ମାତ୍ର ନରରାକ୍ଷସମାନେ ସାମ୍ବାଦିକଙ୍କୁ ନପାଇ ନିରୀହ ପତ୍ନୀ ଛବିରାଣୀଙ୍କୁ ସେହି ନଦୀ ପଠାରେ ଅତି ବୀଭତ୍ସ ଭାବେ ଗଣଦୁଷ୍କର୍ମ ପରେ ହତ୍ୟା କରିଦେଇଥିଲେ । ୧୯୮୦ ଅକ୍ଟୋବର ମାସରେ ଘଟିଥିବା ଏହି ବୀଭତ୍ସ 'ଛବିରାଣୀ ହତ୍ୟାକାଣ୍ଡ' ସେତେବେଳେ ଜାତୀୟସ୍ତରରେ କମ୍ପନ ସୃଷ୍ଟି କରିଥିଲା । ସାମ୍ବାଦିକଙ୍କ ପରିବାର ଉପରେ ହୋଇଥିବା ଏହି ଅତ୍ୟାଚାର ବିରୋଧରେ ସାରା ଦେଶରେ ସ୍ୱର ଉଠିଥିଲା । ଫଳରେ ତତ୍କାଳୀନ ଶାସକ କଂଗ୍ରେସ ସରକାର ଅଡ଼ୁଆରେ ପଡ଼ିଥିଲା । ପରବର୍ତ୍ତୀ ସମୟରେ କୋର୍ଟଙ୍କ ଦ୍ୱାରା ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ ମିଳିଥିଲା । ସତ୍ୟ ଓ ସାମ୍ବାଦିକତାର ମର୍ଯ୍ୟାଦା ରକ୍ଷା କରି ନିଜ ସଂସାର ହରାଇଥିବା ସାମ୍ବାଦିକଙ୍କ ବିୟୋଗରେ ଓଡ଼ିଶା ଗଣମାଧ୍ୟମ ଜଗତରେ ଶୋକ ପ୍ରକାଶ ପାଇଛି ।

## ରଜ ଉତ୍ସବ ପାଳନ

ଖୋର୍ଦ୍ଧା ୩୦/୬(ଆପଣଙ୍କ ସ୍ୱର) :ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରଚାର କ୍ରମରେ ବରିଷ୍ଠ ନାଗରିକ ମଞ୍ଚ ଏହାର ସଭା ଗୃହରେ ରଜ ଉତ୍ସବ ହର୍ଷ ଉଲ୍ଲାସରେ ପାଳନ କରିଛି । ଆରମ୍ଭରେ ରାଜ୍ୟ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଗାନ ପରେ ମଞ୍ଚର ସଭାପତି ବିଧାନ ଚନ୍ଦ୍ର ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମହେନ୍ଦ୍ର କୁମାର ଦାସଙ୍କ ଜଗନ୍ନାଥଙ୍କୁ ଏକ ଭଜନ ସମର୍ପଣ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଅନୁଷ୍ଠାନର ସଦସ୍ୟଙ୍କ ନାତି ନାତୁଣୀ ନବ୍ୟାଙ୍କିତା ସାହୁ, ଆୟୁଶୀ ନନ୍ଦ, ଅଭିକ୍ଷା ଦାଶ, ଶାକ୍ୟସିଂହ ପଟ୍ଟନାୟକ, ରୁଦ୍ର ନାରାୟଣ ନନ୍ଦ, ଭାଗ୍ୟଶ୍ରୀ ସାହୁ, ଅନନ୍ୟା ଅପରାଜିତା, ସାୟଂଶି ନନ୍ଦ, ଶ୍ରଦ୍ଧାଶ୍ରୀ ମହାନ୍ତି, ପ୍ରାଂଜଲ ପ୍ରିୟା ସାହୁ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ । ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଡାକ୍ତର ବାସୁଦେବ ପାତ୍ର, ଡ଼. ପ୍ରମୋଦ ଚନ୍ଦ୍ର ଦାଶ, ଦେବ ପ୍ରସାଦ ମଜୁମଦାର କୁନି କଳାକାରମାନଙ୍କୁ ପୁରସ୍କାର ବଣ୍ଟନ କରିଥିଲେ । ରଜ ପର୍ବ ଉପଲକ୍ଷେ ସ୍ୱହସ୍ତ ପ୍ରସ୍ତୁତ ବିଭିନ୍ନ ପ୍ରକାରର ସୁସ୍ୱାଦୁ ପିଠା ଝରଣା ମିଶ୍ର, ପୁଷ୍ପାଞ୍ଜଳି ମହାନ୍ତି, କମଳିନୀ ପ୍ରଧାନ, ନମିତା ଦାସ, ଶାନ୍ତିଲତା ବଳିୟାରସିଂହ, ଚପଳା ପଣ୍ଡା, ସବିତା ସାହୁ, ଅନସୂୟା ସାମନ୍ତରାୟ, ହୃଷିକେଶ ନନ୍ଦ, ନିରଞ୍ଜନ ସାହୁ, ଗନ୍ଧର୍ବ ସାହୁ, ମହେନ୍ଦ୍ର କୁମାର ମିଶ୍ର, ପ୍ରଦୀପ କୁମାର ମିଶ୍ର, ଦେବରାଜ ମଙ୍ଗରାଜ, ନବକିଶୋର ମହାପାତ୍ର, ଦାମୋଦର ବେହେରା, ମାୟାଧର ପ୍ରଧାନ,ଜୟକୃଷ୍ଣ ନାୟକ ଉପସ୍ଥିତ ସଦସ୍ୟଙ୍କୁ ପରିବେଷଣ କରିଥିଲେ ।ସନ୍ତାନ ସନ୍ତତି ବୟସ୍କ ମାତା ପିତାଙ୍କ ସେବା ଯତ୍ନ କରିବା ଦିଗରେ 'ବୋଉ' ଉଦ୍ଦେଶ୍ୟରେ ସମର୍ପିତ ସଚେତନତା ଧର୍ମୀ ଏକାଙ୍କିକା 'ଜୀବନ ଏକ ନାଟକ' ସଭା ଗୃହରେ ମଞ୍ଚସ୍ଥ ହୋଇଥିଲା । ମଞ୍ଚର ସମ୍ପାଦକ ରାମଶଙ୍କରଙ୍କ ରଚନା ଓ ନିର୍ଦ୍ଦେଶନାରେ ଅତଶୀ ପଟ୍ଟନାୟକ,ନବୀନ ସମାନ୍ତସିଂହାର, ବିନୋଦିନୀ ସାମନ୍ତସିଂହାର, ବିରଞ୍ଚି ନାରାୟଣ ପ୍ରଧାନ, କମଳିନୀ ପ୍ରଧାନ,ଶରତ କୁମାର ସାହୁ ଅଭିନୟ କରିଥିଲେ । ହରମୋହନ ମହାପାତ୍ର, କ୍ଷେତ୍ରବାସୀ ସାହୁ, ଅଞ୍ଜନ କୁମାର ରାୟ ମଞ୍ଚ ଏବଂ ରବୀନ୍ଦ୍ର କୁମାର ସାହୁ, ଗଗନ ବିହାରୀ ପାଣିଗ୍ରାହୀ, ବିଜୟ କୁମାର ପଣ୍ଡା, ଗଦାଧର ଗୋଛି, ସମରେନ୍ଦ୍ର ମିଶ୍ର, କୁମାର ଚନ୍ଦ୍ର ପଟ୍ଟନାୟକ, ଉତ୍ସବ ପରିଚାଳନା ଏବଂ ରମେଶ କୁମାର ଦାଶ ମଞ୍ଚ ସଂଯୋଜନା, ଯୁଗ୍ମ ସମ୍ପାଦକ ସନ୍ତୋଷ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## କେନ୍ଦ୍ରାପଡ଼ାରେ ଓଡ଼ିଶା ରାଜ୍ୟ ମହିଳା କମିଶନଙ୍କ ଶିବିର ଅଦାଲତ ଅନୁଷ୍ଠିତ

କେନ୍ଦ୍ରାପଡ଼ା,୩୦/୬(ଆପଣଙ୍କ ସ୍ୱର) :କେନ୍ଦ୍ରାପଡ଼ା ସର୍କିଟ ହାଉସଠାରେ ଆଜି ଓଡ଼ିଶା ରାଜ୍ୟ ମହିଳା କମିସନଙ୍କ ପକ୍ଷରୁ ଏକ ଶିବିର ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିର ଅଦାଲତରେ ଓଡ଼ିଶା ରାଜ୍ୟ ମହିଳା କମିସନର ଅଧକ୍ଷା ଶୋଭନା ମହାନ୍ତିଙ୍କ ଅଧକ୍ଷତାରେ ସଦସ୍ୟା ପ୍ରତିଭା ଶତପଥୀ, ସଦସ୍ୟା କଳ୍ପନା ମଲ୍ଲିକ ଏବଂ କାଉନସିଲର ବନ୍ଦନା ମହାନ୍ତି ପ୍ରମୁଖ ଯୋଗଦେଇ ମାମଲାଗୁଡ଼ିକର ଶୁଣାଣି କରିଥିଲେ । ଶିବିର ଅଦାଲତରେ ମୋଟ ୩୬ଟି ମାମଲାର ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଥିବା ବେଳେ ୩୧ଟି ମାମଲାର ଶୁଣାଣି ସମ୍ପନ୍ନ ହୋଇଥିଲା । ଶୁଣାଣି ହୋଇଥିବା ମାମଲାମାନଙ୍କ ମଧ୍ୟରୁ ୯ଟି ମାମଲାର ଆପୋଷ ସମାଧାନ ହୋଇଥିବା ବେଳେ ୩ଟି ମାମଲାର ତଦନ୍ତ ନିମନ୍ତେ ପୋଲିସ ପ୍ରଶାସନକୁ ପ୍ରେରଣ କରାଯାଇଛି । ସେହିପରି ୨ଟି ମାମଲା ସୁରକ୍ଷା ଅଧିକାରୀଙ୍କ ନିକଟକୁ ଏବଂ ୨ଟି ମାମଲା ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ନିକଟକୁ ପଠାଯାଇଛି । ଗୋଟିଏ ମାମଲାକୁ ଅନ୍ୟାନ୍ୟ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟକୁ ପ୍ରେରଣ କରାଯାଇଛି ।

ଅବଶିଷ୍ଟ ୧୪ଟି ମାମଲାର ପୁନଃ ଶୁଣାଣି ନିମନ୍ତେ ସମ୍ପୃକ୍ତ ପକ୍ଷମାନଙ୍କୁ ନୋଟିସ ଜାରି କରିବା ପାଇଁ ଆଦେଶ ଦିଆଯାଇଛି ।

ଶିବିର ଅଦାଲତରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ଡିଏସପି ବବିତା ଦଳାଇ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ସୁରକ୍ଷା ଅଧିକାରୀ ସବିତାରାଣୀ ସିଂହଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଖୋର୍ଦ୍ଧା ଜିଲ୍ଲାରେ ମିଶନ ବାତ୍ସଲ୍ୟ ଅଧୀନରେ ଶିଶୁ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ନିମନ୍ତେ ଜିଲ୍ଲାସ୍ତରୀୟ ପରାମର୍ଶ କର୍ମଶାଳା

ଖୋର୍ଦ୍ଧା, ୩୦/୬(ଆପଣଙ୍କ ସ୍ୱର) : ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ପ୍ଲାନ ଇଣ୍ଡିଆ ର ମିଳିତ ଆନୁକୂଲ୍ୟରେ ଶିଶୁମାନଙ୍କର ସୁରକ୍ଷା, ଯତ୍ନ, ବିକାଶ ଓ ଅଧିକାର ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଖୋର୍ଦ୍ଧା ଜିଲ୍ଲାରେ ମିଶନ ବାତ୍ସଲ୍ୟ ଅଧୀନରେ "ଶିଶୁ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା" ଶୀର୍ଷକ ଜିଲ୍ଲାସ୍ତରୀୟ ପରାମର୍ଶ କର୍ମଶାଳା ଅତିରିକ୍ତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି । ଏହି କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ଅଧ୍ୟକ୍ଷତା କରିଥିଲେ । ଏହି କର୍ମଶାଳାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଶିଶୁ କଲ୍ୟାଣ ସମିତି, ଜୁଭେନାଇଲ ଜଷ୍ଟିସ ବୋର୍ଡ, ଶିକ୍ଷା, ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ ବିକାଶ ବିଭାଗ, ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନର ପ୍ରତିନିଧିମାନେ ଯୋଗଦେଇଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣୀଶ୍ରୀ ପଟ୍ଟନାୟକ ସ୍ୱାଗତ ଭାଷଣ ଦେବା ସହିତ କର୍ମଶାଳାର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଏହି କର୍ମଶାଳାରେ ପ୍ଲାନ ଇଣ୍ଡିଆର ରାଜ୍ୟ ସଂଯୋଜକ ପ୍ରଦ୍ୟୁତ ରଞ୍ଜନ ରାଉତ ଶିଶୁ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ପ୍ରଭାବଶାଳୀ ଓ ସମନ୍ୱିତ କରିବା, ଶିଶୁ ନିର୍ଯାତନା, ଶିଶୁ ବିବାହ, ଶିଶୁ ଶ୍ରମ ଓ ଅନ୍ୟାନ୍ୟ ବିପଦରୁ ଶିଶୁମାନଙ୍କୁ ସୁରକ୍ଷା ଦେବା ନେଇ ବିସ୍ତୃତ ଆଲୋଚନା କରିଥିଲେ । ଖୋର୍ଦ୍ଧା ଶିଶୁ ଅଂଶଗ୍ରହଣକାରୀମାନେ ଜିଲ୍ଲାରେ ଶିଶୁ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ଚ୍ୟାଲେଞ୍ଜ ଓ ସମାଧାନ ଉପରେ ମତବିନିମୟ କରିଥିଲେ । ମିଶନ ବାତ୍ସଲ୍ୟର ମୂଳ ଲକ୍ଷ୍ୟ ହେଉଛି ଶିଶୁମାନଙ୍କ ପାଇଁ ଏକ ସୁରକ୍ଷିତ, ସହାୟକ ଓ ଶିଶୁ-ବନ୍ଧବ ପରିବେଶ ସୃଷ୍ଟି କରିବା ବୋଲି ମତ ପ୍ରକାଶ କରିଥିଲେ । ଏହି ଯୋଜନା ଶିଶୁ ଅଧିକାର, ପରିବାର ଭିତ୍ତିକ ଯତ୍ନ, ପୁନର୍ବାସନ ଓ ଶିଶୁ ସୁରକ୍ଷା ବ୍ୟବସ୍ଥାର ସୁଦୃଢ଼ୀକରଣ ଉପରେ ଅନ୍ୟତମ ବକ୍ତା ତଥା ଖୋର୍ଦ୍ଧା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷା କାନ୍ତା ମହାନ୍ତି, ଅତିରିକ୍ତ ଶିଶୁ ମଙ୍ଗଳ ସମିତିର ଅଧକ୍ଷା ମମତା ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କୁସୁମ ପ୍ରହରାଜ, ଜୁଭେନାଇଲ ଜଷ୍ଟିସ ବୋର୍ଡର ସଦସ୍ୟ ଜବାହାର ଅଞ୍ଜୁରାମ ଏବଂ ଜିଲ୍ଲା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ସୁରକ୍ଷା ଅଧିକାରୀ (ଆନୁଷ୍ଠାନିକ ଯତ୍ନ) ଶଚିନ୍ଦ୍ର ନାଥ ସାହୁ ପ୍ରମୁଖ ଗୁରୁତ୍ୱ ଦେଇଥିଲେ । କର୍ମଶାଳାର ଶେଷରେ ଶିଶୁ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟରତ ସମସ୍ତ ଅନୁଷ୍ଠାନ ଓ ବିଭାଗ ମଧ୍ୟରେ ଅଧିକ ସମନ୍ୱୟ, ତଥ୍ୟ ବିନିମୟ ଏବଂ ସମୁଦାୟର ସକ୍ରିୟ ଅଂଶଗ୍ରହଣ ମାଧ୍ୟମରେ ଖୋର୍ଦ୍ଧା ଜିଲ୍ଲାରେ ଏକ ଦୃଢ଼ ଶିଶୁ ସୁରକ୍ଷା ପରିବେଶ ଗଠନ କରିବା ପାଇଁ ସମସ୍ତେ ସଂକଳ୍ପବଦ୍ଧ ହୋଇଥିଲେ । ଏହି କର୍ମଶାଳାକୁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସମସ୍ତ କର୍ମଚାରୀଙ୍କ ସହିତ ପ୍ଲାନ ଇଣ୍ଡିଆ ର ଜିଲ୍ଲା ସଂଯୋଜିକ ଅମିତା ସିଂହ ପ୍ରମୁଖ ପରିଚାଳନା କରିଥିଲେ ।

## ଆନ୍ତର୍ଜାତୀୟ ନିଶା ଅପବ୍ୟବହାର ଓ ଅନୈତିକ ନିଶା କାରବାର ବିରୋଧୀ ଦିବସ -୨୦୨୬ ପାଳିତ

ଖୋର୍ଦ୍ଧା ୩୦/୬(ଆପଣଙ୍କ ସ୍ୱର) :ଯୁବଶକ୍ତି ରାଷ୍ଟ୍ରର ପ୍ରଚଣ୍ଡ ଶକ୍ତି । ଯୁବ ଶକ୍ତି ସଚେତନ ହେଲେ ସମାଜ ଓ ରାଷ୍ଟ୍ରର ଦ୍ରୁତ ବିକାଶ ହେବ । ନିଶାମୁକ୍ତ ଭାରତ ଅଭିଯାନ ଏବଂ ବିକଶିତ ଭାରତ ର ସ୍ୱାଭିମାନ ସମ୍ଭବ ହେବ । ନିଶା ମୁକ୍ତ ଜୀବନ ଚୟନ କରିବା, ପରିବାରକୁ ସୁରକ୍ଷିତ ରଖିବା, ସୁସ୍ଥ ମନ, ସୁସ୍ଥ ଶରୀର , ସୁନ୍ଦର ଭବିଷ୍ୟତ ଗଢି ତୋଳିବା,ସମାଜକୁ ନିଶାମୁକ୍ତ କରିବା ଆଦି ଦିଗରେ ଯୁବ ଶକ୍ତି ଆଗକୁ ବଢ଼ିଲେ ଏକ ସୁନ୍ଦର ବିକଶିତ ପରିବର୍ତ୍ତନଶୀଳ ଆମ ଖୋର୍ଦ୍ଧା ଜିଲ୍ଲା, ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନ କରିବାକୁ ଯୁବଶକ୍ତି ଓ ପ୍ରତ୍ୟେକ ନାଗରିକ ନିଜ ନିଜ ଭିତରେ ଜାଗରଣ ସୃଷ୍ଟି କରି ନିଜେ ବଦଳିବା ସହ ସମସ୍ତଙ୍କୁ ବଦଳାଇବାକୁ ଆଜି ପୂର୍ବାହ୍ନରେ ସ୍ଥାନୀୟ ହାବେଳୀ ପଡିଆଠାରେ ଆନ୍ତର୍ଜାତୀୟ ନିଶା ଅପବ୍ୟବହାର ଓ ଅନୈତିକ ନିଶା କାରବାର ବିରୋଧୀ ଦିବସ -୨୦୨୬ ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପଜିଲ୍ଲାପାଳ, ଖୋର୍ଦ୍ଧା, ଶ୍ରୀ ସଂକଳ୍ପ ସ୍ୱସ୍ତିକ ସାହୁ ସବୁଜ ପତାକା ଦେଖାଇ ଏକ ବିଶାଳ ଜନସଚେତନତା ରାଲିକୁ ଏବଂ ନିଶାମୁକ୍ତି ସଚେତନତା ରଥକୁ ଶୁଭାରମ୍ଭ କରି ଉପରୋକ୍ତ ବିଷୟ ଆହ୍ୱାନ ଦେଇଛନ୍ତି । ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଜିଲ୍ଲା ପ୍ରଶାସନ ଏବଂ ଅବକାରୀ ବିଭାଗ ମିଳିତ ଆନୁକୁଲ୍ୟରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଖୋର୍ଦ୍ଧା,ଶ୍ରୀ ଦିଲ୍ଲୀପ ହିଆଲ ଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟ କ୍ରମରେ ସମ୍ମାନିତ ଅତିଥି ଭାବେ ଅବକାରୀ ଅଧିକ୍ଷକ ସୁମିତ୍ରା ତ୍ରିପାଠୀ, ଖୋର୍ଦ୍ଧା , ସଦର ବି ଡି ଓ, ସିଦ୍ଧାର୍ଥ ପଟ୍ଟନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଖୋର୍ଦ୍ଧା ,ଲକ୍ଷ୍ମଣ କୁମାର ବେହେରା ଯୋଗଦେଇଥିଲେ । ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ କର୍ମକର୍ତ୍ତା ଏବଂ ଯୁବକ,ଯୁବତୀ, ମହିଳା, ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି ମଧ୍ୟ ବହୁସଂଖ୍ୟାରେ ଯୋଗ ଦେଇଥିଲେ । ଏହି ବିଶାଳ ରାଲି ହାବେଳୀ ପଡ଼ିଆରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରେ ପହଞ୍ଚି ଥିଲା । ସେଠାରେ ମୁଖ୍ୟ ଅତିଥି ଉପଜିଲ୍ଲାପାଳ ଶ୍ରୀ ସଂକଳ୍ପ ସ୍ୱସ୍ତିକ ସାହୁ ସର୍ବାଧିକ ଯୁବକ ଯୁବତୀ ନିଶାମୁକ୍ତ ଭାରତ ଅଭିଯାନରେ ଯୋଗ ଦେବା ଅତ୍ୟନ୍ତ ଜରୁରୀ ବୋଲି ପ୍ରକାଶ କରି ସମାଜରେ ସବୁ ସ୍ତରର ଲୋକ ଓଡ଼ିଶାକୁ ତଥା ଖୋର୍ଦ୍ଧା ଜିଲ୍ଲାକୁ ନିଶାମୁକ୍ତ କରିବାପାଇଁ ଆହ୍ୱାନ ଦେଇ ଦେଶକୁ ନିଶାମୁକ୍ତ କରିବା ପାଇଁ ଶପଥ ପାଠ କରାଇଥିଲେ । ପରେ ବିଭିନ୍ନ ନିଶାମୁକ୍ତି ଅଭିଯାନରେ ଉଲ୍ଲେଖନୀୟ ସେବାପାଇଁ ସଫଳ ବ୍ୟକ୍ତିତ୍ୱଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ । ପରିଶେଷରେ ନିଶାମୁକ୍ତ ଉଜ୍ଜ୍ୱଳମୟ ଭବିଷ୍ୟତ ଗଠନ ଉପଲକ୍ଷେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା । ଏହି ଦିବସରେ ପ୍ରଜାପତି ବ୍ରହ୍ମା କୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ସଂସ୍ଥା , ଖୋର୍ଦ୍ଧା ଓ ଭୁବନେଶ୍ୱର ଶାଖା ସହ ଅନେକ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂସ୍ଥା ଯୋଗଦେଇଥିଲେ ଏବଂ ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ ।

## ନିଶାନିବାରଣ କେନ୍ଦ୍ରରେ ଯୁବକଙ୍କ ମୃତ୍ୟୁ ଘଟଣା

## ମାଲିକଙ୍କ ସମେତ ୯ ଗିରଫ

ଧର୍ମଶାଳା୩୦/୬(ଆପଣଙ୍କ ସ୍ୱର) :ଧର୍ମଶାଳା ଥାନା ଅନ୍ତର୍ଗତ କାରଳା ପଣ୍ଡୁଆ ସ୍ଥିତ ସୁଧାରପଥ ନିଶାନିବାରଣ କେନ୍ଦ୍ରରେ ଅନ୍ତେବାସୀଙ୍କ ଚୁଟି ଦାଢ଼ି କାଟିବାକୁ ଆସିଥିବା ଯୁବକଙ୍କ ମୃତ୍ୟୁ ଘଟଣାରେ ନିଶାନିବାରଣ କେନ୍ଦ୍ରର ମାଲିକ ଚୋରମୁହାଁ ପଞ୍ଚାୟତ ବଡ଼ ମଙ୍ଗଳପୁର ଗ୍ରାମର ରବୀନାରାୟଣ ପଣ୍ଡାଙ୍କ ପୁଅ ରଶ୍ମିରଞ୍ଜନ ପଣ୍ଡା।(୩୫) ଙ୍କ ସହ ୮ ଜଣ ଅନ୍ତେବାସୀଙ୍କୁ ଗିରଫ କରିଛି ଧର୍ମଶାଳା ପୁଲିସ । ଗିରଫ ଅନ୍ତେବାସୀ ଯାଜପୁର ଜିଲ୍ଲା କୁଆଖିଆ ଥାନା କଲଣ ଗ୍ରାମର



ରମେଶ ଚନ୍ଦ୍ର ସାହୁଙ୍କ ପୁଅ ସିଦ୍ଧାର୍ଥ ଶେଖର ସାହୁ(୩୧), ଭଦ୍ରକ ଜିଲ୍ଲା ଧୁଷୁରୀ ଥାନା ଆରଡ଼ି ଗ୍ରାମର ପ୍ରଶାନ୍ତ କୁମାର ଦାସଙ୍କ ପୁଅ ଚନ୍ଦନ କୁମାର ଦାସ(୨୮), ବିଞ୍ଝାରପୁର ଥାନା ସାଇଁକୂଳ ଗ୍ରାମର ପ୍ରଶାନ୍ତ କୁମାର ରଥଙ୍କ ପୁଅ ବିଶ୍ୱଜିତ୍ ରଥ(୨୨), ଧର୍ମଶାଳା ଥାନା ଚକ୍ରୀଡା ଗ୍ରାମର ରବୀନ୍ଦ୍ର ପଣ୍ଡାଙ୍କ ପୁଅ ମହେନ୍ଦ୍ର ପଣ୍ଡା(୩୨), କେଉଁଝର ଜିଲ୍ଲା ମାଣ୍ଡୁଆ ଥାନା ଟିକାଗୁରମ୍ ଗ୍ରାମର ସୁନୀଲ ପ୍ରସାଦଙ୍କ ପୁଅ ସୁମିତ ପ୍ରସାଦ (୪୦), ଏହି ଥାନା ଅନ୍ତର୍ଗତ କାରକା ଗ୍ରାମର କୈଳାସ ପାତ୍ରଙ୍କ ପୁଅ କୌଶିକ୍ ପାତ୍ର (୨୫), ଉତ୍ତରଶାସନ ଗ୍ରାମର ଭାସ୍କର ଶତପଥୀଙ୍କ ପୁଅ ଆଶିଷ କୁମାର ଶତପଥୀ(୩୫) ଓ ବାଲେଶ୍ୱର ଜିଲ୍ଲା ବାଲେଶ୍ୱର ଟାଉନ୍ ଥାନା ସୁନାହଟ ଗ୍ରାମର ପ୍ରଭଞ୍ଜନ ପାଣିଙ୍କ ପୁଅ ମୀମାଂଶୁ ପାଣି(୨୨)ଙ୍କୁ ଗିରଫ କରି ସୋମବାର ଦିନ କୋର୍ଟ ଚାଲାଣ କରାଯାଇଛି । ସୂଚନା ଅନୁଯାୟୀ, ମୃତକ ଏହି ଥାନା ଅନ୍ତର୍ଗତ ଭଗବାନପୁର ଗ୍ରାମର ବାବାଜି ବାରିକଙ୍କ ପୁଅ ରାଜିବ ଲୋଚନ ବାରିକ (୩୮) କିଛି ମାସ ହେଲା ଅତ୍ୟଧିକ ମଦ୍ୟପାନ କରୁଥିବା ବେଳେ ପରିବାର ଲୋକେ ତାକୁ ଆଣି କାରକାସ୍ଥିତ ଏହି ନିଶାନିବାରଣ କେନ୍ଦ୍ରରେ ଛାଡିଥିଲେ । କାରକା ନିଶାନିବାରଣ କେନ୍ଦ୍ରରେ ରାଜିବ କିଛି ମାସ ରହିବା ପରେ ୧୫ ଦିନ ହେଲା ସୁସ୍ଥ ହୋଇ ଘରକୁ ଫେରିଥିଲେ । ସେହି ସମୟ ରେ କିଛି ଟଙ୍କା ବାକି ରହିଥିଲା । ରାଜୀବ ବକେୟା ଟଙ୍କା ପରେ ଚୁଟି ଦାଢ଼ି କାଟି ସୁଝି ଦେବା ପାଇଁ କହିଥିଲେ । ତେବେ ଗତ ଶୁକ୍ରବାର ଦିନ ନିଶାନିବାରଣ କେନ୍ଦ୍ର ପକ୍ଷରୁ ଅନ୍ତେବାସୀମାନଙ୍କ ଚୁଟି କାଟିବା ଲାଗି ରାଜୀବଙ୍କୁ ଡକାଯାଇଥିଲା । ରାଜୀବ ନିଜ ପୁଅ ସହ ଏକ ସ୍କୁଟରରେ ସେଠାକୁ ଆସି ଅନ୍ତେବାସୀଙ୍କ ଚୁଟି କାଟିଥିଲେ । ତେବେ ଚୁଟିକଟା ବିଳମ୍ବ ହେବ କହି ନିଶନିବାରଣ କେନ୍ଦ୍ରର କର୍ମଚାରୀମାନେ ତାଙ୍କ ପୁଅକୁ ଘରକୁ ପଠାଇ ଦେଇଥିଲେ । ଚୁଟି କଟା ବାବଦକୁ ୧୬୦୦ ଟଙ୍କା ହୋଇଥିବା ବେଳେ ସମ୍ପୃକ୍ତ ନିଶାନିବାରଣ କେନ୍ଦ୍ରର କର୍ମଚାରୀ ତାଙ୍କୁ ବାକି ପଇସା ବାବଦକୁ ୧୦୦୦ଟଙ୍କା କାଟି ରଖି ୬୦୦ ଟଙ୍କା ଦେଇଥିଲେ । ରାଜୀବ ପଇସା ନେଇ ଯାଇ ମଦ ପିଇ ଅନ୍ୟତ୍ର ସ୍ଥାନରେ ପଡ଼ିଥିବା ବେଳେ ଖବର ପାଇ ନିଶନିବାରଣ କେନ୍ଦ୍ରର କର୍ମଚାରୀମାନେ ତାଙ୍କୁ ନେଇ ଆସିଥିଲେ । ତେବେ କର୍ମଚାରୀମାନେ ତାଙ୍କୁ ମାଡ଼ ମାରି ହତ୍ୟା କରିଦେଇଥିବା ମୃତ ରାଜୀବଙ୍କ ସ୍ତ୍ରୀ ତୁଳସୀ ବାରିକ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏହାକୁ ନେଇ କାରକାସ୍ଥିତ ନିଶାନିବାରଣ କେନ୍ଦ୍ରରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା । ରାଜୀବଙ୍କୁ ଗୁରୁତର ଅବସ୍ଥାରେ ଧର୍ମଶାଳା ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ସେଠରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ରାଜୀବ ମେଡିକାଲରେ ଚିକିତ୍ସିତ ହେଉଛନ୍ତି ବୋଲି ତାଙ୍କ ପତ୍ନୀଙ୍କୁ ନିଶାନିବାରଣ କେନ୍ଦ୍ରର କର୍ମଚାରୀମାନେ ଫୋନ କରି ଜଣାଇଥିଲେ । ହେଲେ ମେଡିକାଲରେ ପହଁଚିବା ପରେ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ହୋଇଯାଇଥିବା ପତ୍ନୀ ଓ ପରିବାର ଲୋକେ ଜାଣିବାକୁ ପାଇଥିଲେ । ପୁଲିସ ସେଠାରେ ଥିବା ସିସିଟିଭି ଫୁଟେଜକୁ ଜବତ କରିବା ସହିତ ମାମଲା ରୁଜୁ କରି ୯ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଥିଲା । ସୋମବାର ଦିନ ନିଶା ନିବାରଣ କେନ୍ଦ୍ରର ମାଲିକ ସମେତ ୯ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଖବରଦାତା ସମ୍ମିଳନୀରେ ଯାଜପୁରରୋଡ଼ ଏସଡିପିଓ ଶରତ ଚନ୍ଦ୍ର ପାତ୍ର ଓ ଧର୍ମଶାଳା ଥାନା ଅଧିକାରିଣୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି ।

## ବିପର୍ଯ୍ୟୟ ପରିଚାଳନା ପାଇଁ ଜିଲ୍ଲା ସ୍ତରୀୟ ଆଲୋଚନା ଭିତ୍ତିକ ଅଭ୍ୟାସ

ଖୋର୍ଦ୍ଧା ୩୦/୬(ଆପଣଙ୍କ ସ୍ୱର) :ଜିଲ୍ଲା ସଦର ମହକୁମା ସଦର ପଂଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବିପର୍ଯ୍ୟୟ ପରିଚାଳନା ପାଇଁ ଜିଲ୍ଲାସ୍ତରୀୟ ଆଲୋଚନା ଭିତ୍ତିକ ଅଭ୍ୟାସ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ,ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଅଛି । ଉକ୍ତ ବୈଠକରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀନିବାସ ମହାନ୍ତି, ଉପଜିଲ୍ଲାପାଳ, ଭୁବନେଶ୍ୱର ଡ଼ଃ ମନୋରଞ୍ଜନ ସାହୁ, ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ସାଧାରଣ ପରିଚାଳିକା (ଯୋଜନା ଏବଂ ପ୍ରଶାସନ) ଡ଼ଃ ସରିତା ଜେନା, ମଣ୍ଡଳ ଉନ୍ନୟନ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଖୋର୍ଦ୍ଧା ପୌର ପରିଷଦ, ନିର୍ବାହୀ ଅଧିକାରୀ କାବେରୀ ମୁଦୁଲି ପ୍ରମୁଖ ଯୋଗ ଦେଇଥିଲେ । ବୈଠକରେ ବିଭିନ୍ନ ଅତ୍ୟାବଶ୍ୟକ ସେବା ବିଭାଗ, ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ଯୋଗ ଦେଇଥିଲେ । ଅଧକ୍ଷ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ,ଶ୍ରୀ ପ୍ରଧାନ ବିଭିନ୍ନ ବିଭାଗର ପିପର୍ଯ୍ୟୟ ପୂର୍ବ, ବିପର୍ଯ୍ୟୟ ସମୟରେ ଏବଂ ବିପର୍ଯ୍ୟୟ ପରବର୍ତ୍ତୀ ସମୟରେ କାର୍ଯ୍ୟାନୁଷ୍ଠାନ ଉପରେ ବିଭାଗୀୟ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ । ସେହିପରି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ମହାନ୍ତି ବିପର୍ଯ୍ୟୟ ସମୟରେ ରିଲିଫ୍ ବାଣ୍ଟିବା,ରିଲିଫ୍ ଗାଡ଼ି ରାସ୍ତାରେ ଚାଲିବା, କିରୋସିନ ପେଟ୍ରୋଲ ବଣ୍ଟନ ଆଦି ବିଭିନ୍ନ ଖାଉଟି ସେବା ଦିଗରେ ପୋଲିସ ପ୍ରଶାସନ ର ଆଇନଶୃଙ୍ଖଳା ଅତି ଆବଶ୍ୟକ ବୋଲି ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ । ଉପଜିଲ୍ଲାପାଳ ଏବଂ ଉପଖଣ୍ଡ ମାଜିଷ୍ଟ୍ରେଟ, ଭୁବନେଶ୍ୱର କହିଲେ ବିପର୍ଯ୍ୟୟ ପରିଚାଳନା ସମୟରେ ବିପଦ ସଙ୍କୁଳ ସ୍ଥାନରେ ଥିବା ଜନସାଧାରଣଙ୍କୁ ସ୍ଥାନାନ୍ତରଣ, ଗୃହ ପାଳିତ ଗାଈଗୋରୁ ପଶୁ ପକ୍ଷୀ କୁ ସୁରକ୍ଷା ଦେବା ବିଭିନ୍ନ ବିଭାଗର ଅଧିକାରୀ ମାନଙ୍କ ସହ ସମନ୍ୱୟ ରକ୍ଷା କରି ଉତ୍ତମ ସେବା ଯୋଗାଇ ଦେବା ଆମ ସମସ୍ତଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ ନିଷ୍ଠାପର ଭାବେ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ । ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ସାଧାରଣ ପରିଚାଳିକା , ଡ଼ଃ ସରିତା ଜେନା କେଉଁ ବିଭାଗର କି କି ଦାୟିତ୍ୱ ନିର୍ବାହ କରିବାର ଅଛି ସେ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ । ବ୍ଲକ୍ ଉନ୍ନୟନ ଅଧିକାରୀ, ଖୋର୍ଦ୍ଧା ସିଦ୍ଧାର୍ଥ ପଟ୍ଟନାୟକ ଓ ନିର୍ବାହୀ ଅଧିକାରୀ, ଖୋର୍ଦ୍ଧା, କାବେରୀ ମୁଦୁଲି ନିଜ ନିଜ କାର୍ଯ୍ୟାଳୟର ପ୍ରସ୍ତୁତି ସଂପର୍କରେ ଆଲୋକ ପାତ କରିଥିଲେ । ବୈଠକର ଅଧକ୍ଷ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ ଟି ପି ସି ଓ ଡି ଏଲ, ଓଡ୍ରାଫ, ଏନଡ୍ରାଫ, ଜିଲ୍ଲା ବେସରକାରୀ ଯୋଗାଣ ଅଧିକାରୀ, ଅଗ୍ନିଶମ ସେବା, ଜିଲ୍ଲା ସ୍ୱାସ୍ଥ୍ୟ ସେବା, ଜିଲ୍ଲା ସମାଜ ମଙ୍ଗଳ ସେବା, ଜିଲ୍ଲା ମଙ୍ଗଳ ବିଭାଗ, ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ, ଜିଲ୍ଲା ଶିକ୍ଷା ବିଭାଗ,ଓାଟକୋ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ, ଗ୍ରାମ୍ୟ ଉନ୍ନୟନ, କୃଷି ଓ ଉଦ୍ୟାନ କୃଷି, ଜିଲ୍ଲା ପଶୁ ଚିକିତ୍ସା ସେବା, ଜଳସେଚନ, ପ୍ରାଚିଖଣ୍ଡ ଜଳ ସେଚନ, ଜଳ ନିଷ୍କାସନ, ଭାରତ ସଂଚାର ନିଗମ ଆଦି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗୁରୁତ୍ୱ ପୂର୍ଣ୍ଣ ବିଭାଗ ସେବା ଗୁଡ଼ିକୁ ବିଭାଗୀୟ ଅଧିକାରୀ ମାନଙ୍କ ସହ ସମୀକ୍ଷା କରି ଶୂନ୍ୟ ମୃତ୍ୟୁ ହାର ଆଖି ଆଗରେ ରଖି ନିଷ୍ଠାପର ଭାବେ ସେବା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

## ଜିଲ୍ଲାସ୍ତରୀୟ ପଲ୍ସ ପୋଲିଓ କାର୍ଯ୍ୟକ୍ରମ–୨୦୨୬ ଉଦଘାଟିତ

କେନ୍ଦ୍ରାପଡ଼ା,୩୦/୬(ଆପଣଙ୍କ ସ୍ୱର) :ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ନିର୍ଦ୍ଦେଶକ୍ରମେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି, କେନ୍ଦ୍ରାପଡ଼ା ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ପଲ୍ସ ପୋଲିଓ କାର୍ଯ୍ୟକ୍ରମ–୨୦୨୬କୁ ଆଜି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, କେନ୍ଦ୍ରାପଡ଼ାଠାରେ ଜିଲ୍ଲାପାଳ ଶ୍ରୀ ରଘୁରାମ ଆର୍. ଆୟର, ଶୁଭ ଉଦ୍ଘାଟନ କରିଥିଲେ । ଚଳିତ ବର୍ଷ ୨୮ ରୁ ୩୦ ଜୁନ ପର୍ଯ୍ୟନ୍ତ ଜିଲ୍ଲାବ୍ୟାପୀ ଅନୁଷ୍ଠିତ ହେଉଥିବା ଏହି ଅଭିଯାନରେ ଜନ୍ମରୁ ୫ ବର୍ଷ ବୟସର ମୋଟ ୧,୧୦,୬୪୩ ଜଣ ଶିଶୁଙ୍କୁ ପୋଲିଓ ପ୍ରତିଷେଧକର ଦୁଇ ବୁନ୍ଦା ଔଷଧ ପ୍ରଦାନ କରାଯିବ । ପ୍ରଥମ ଦିନ ବୁଥ୍‌ଗୁଡ଼ିକରେ ପୋଲିଓ ଡ୍ରପ୍ ପ୍ରଦାନ କରାଯାଉଥିବା ବେଳେ ଆସନ୍ତା ୨୯ ଓ ୩୦ ଜୁନରେ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ବୁଲି ଯେଉଁ ଶିଶୁମାନେ ପୋଲିଓ ଡ୍ରପ୍ ନେଇନଥିବେ ସେମାନଙ୍କୁ ଏହା ପ୍ରଦାନ କରିବେ । ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନମିତା ପଟ୍ଟନାୟକ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସଚ୍ଚିଦାନନ୍ଦ ମିଶ୍ର, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଗୌରାଙ୍ଗ ଚରଣ ଗିରି, ପ୍ରଶାସନିକ ଅଧିକାରୀ ଦିଲ୍ଲୀପ କୁମାର ନାୟକ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଡା. ମନୋରଞ୍ଜନ ସାହୁ, ଡେପୁଟି ମ୍ୟାନେଜର (ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ) ଡା. ସୁକାନ୍ତ କୁମାର ପ୍ରଧାନ, ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଶୁଭ ନାରାୟଣ ନାୟକ, ଜିଲ୍ଲା ଡାଟା ମ୍ୟାନେଜର ଜ୍ୟୋତି ରଞ୍ଜନ ପରିଡ଼ା, ଆସିଷ୍ଟାଣ୍ଟ ମ୍ୟାନେଜର (କମ୍ୟୁନିଟି ପ୍ରୋସେସ) ନୃସିଂହ ଚରଣ ଭୂୟାଁ, ଆସିଷ୍ଟାଣ୍ଟ ମ୍ୟାନେଜର (ଏନ୍‌ସିଡି) ଶ୍ୟାମ ସୁନ୍ଦର ବିଶ୍ୱାଳ, ଆସିଷ୍ଟାଣ୍ଟ ମ୍ୟାନେଜର (ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ) ମମତା ଦାଶ, ଜିଲ୍ଲା ଭ୍ୟାକ୍ସିନ୍ ଲଜିଷ୍ଟିକ୍ ମ୍ୟାନେଜର ଅବିନାଶ ଦାସ, ଜିଲ୍ଲା ଇମ୍ୟୁନାଇଜେସନ୍ ଆସିଷ୍ଟାଣ୍ଟ ମନୋଜ ଦାଶ, ଆଇଡିଏସପି ଡାଟା ମ୍ୟାନେଜର ଜ୍ୟୋତି ରଞ୍ଜନ ରାଉତ ଏବଂ ପରାମର୍ଶଦାତା ପ୍ରକାଶ ଚନ୍ଦ୍ର ମାଥାନ ପ୍ରମୁଖ ଉପସ୍ଥିତ ଥିଲେ । ଏହାସହ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଆଶା କର୍ମୀ, ଅଙ୍ଗନୱାଡ଼ି କର୍ମୀ ଓ ସମସ୍ତ ସ୍ୱାସ୍ଥ୍ୟକର୍ମୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

ଉଦ୍ଘାଟନ ପରେ ଜିଲ୍ଲାସ୍ତରୀୟ ନୋଡାଲ ଅଧିକାରୀ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନର ସମସ୍ତ ପରାମର୍ଶଦାତା ବିଭିନ୍ନ ବ୍ଲକର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଉପସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଅଙ୍ଗନୱାଡ଼ି କେନ୍ଦ୍ରରେ ଚାଲିଥିବା ପଲ୍ସ ପୋଲିଓ ବୁଥ୍‌ଗୁଡ଼ିକର ତଦାରଖ ପାଇଁ ବାହାରିଥିଲେ । ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ଆୟର କହିଥିଲେ ଯେ, ତିନି ଦିନିଆ ଏହି ଅଭିଯାନର ସଫଳତା ପାଇଁ ସମସ୍ତ ଅଧିକାରୀ ଓ କ୍ଷେତ୍ରସ୍ତରୀୟ କର୍ମଚାରୀ ସମନ୍ୱିତ ଭାବେ କାର୍ଯ୍ୟ କରନ୍ତୁ । ବିଶେଷକରି ଘରକୁ ଘର ବୁଲି କୌଣସି ଶିଶୁ ଯେପରି ପୋଲିଓ ଡ୍ରପରୁ ବଞ୍ଚିତ ନ ରୁହନ୍ତି, ସେଥିପ୍ରତି ସର୍ବାଧିକ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଥିଲେ । ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଅଗ୍ରଗତିର ସମୀକ୍ଷା କରି ୧୦୦ ପ୍ରତିଶତ ଲକ୍ଷ୍ୟ ହାସଲ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଥିଲେ ।

Scanned with OKEN Scanner

## ଅସ୍ତ୍ରବିରତି ଉଲ୍ଲଂଘନ କଲେ ବିଶ୍ୱ ମାନଚିତ୍ରରୁ ଲିଭିଯିବ ଇରାନ

ୱାଶିଂଟନ: ଆମେରିକା ଏବଂ ଇରାନ ମଧ୍ୟରେ ଉତ୍ତେଜନା ପୁଣି ଥରେ ବୃଦ୍ଧି ପାଇଛି । ଶାନ୍ତି ଚୁକ୍ତି କେବଳ ଆଲୋଚନା ଟେବୁଲ ଉପରେ ରହିଯାଇଛି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ କଡ଼ା ଚେତାବନୀ ଦେଇ କହିଛନ୍ତି ଯେ, ଯଦି ଇରାନ ଅସ୍ତ୍ରବିରତି ଉଲ୍ଲଂଘନ ଜାରି ରଖେ ଏବଂ ଆମେରିକାକୁ ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ ବାଧ କରାଯାଏ, ତେବେ ଇସଲାମିକ ଗଣରାଜ୍ୟ ଇରାନର ଅସ୍ତିତ୍ୱ ଶେଷ ହୋଇଯିବ । ବିଶ୍ୱ ମାନଚିତ୍ରରୁ ଇରାନ ଲିଭିଯିବ । ଏହି ବିବୃତି ଏପରି ଏକ ସମୟରେ ଆସିଛି ଯେତେବେଳେ ଆମେରିକା ଲଗାତାର ଦ୍ୱିତୀୟ ଦିନ ପାଇଁ ଅନେକ ଇରାନୀ ସାମରିକ ଘାଟି ଉପରେ ବିମାନ ଆକ୍ରମଣ କରିଛି । ଏହାର ଜବାବରେ ବାହାରିନ ଏବଂ କୁଏତ ଉପରେ ଆକ୍ରମଣ କରି ଇରାନ ପ୍ରତିଶୋଧ ନେଇଛି । ଟ୍ରମ୍ପ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ, ଟ୍ରୁଥ୍ ସୋସିଆଲରେ କହିଛନ୍ତି ଯେ ଆମେରିକାର ଲଢୁଆ ବିମାନଗୁଡ଼ିକ ଇରାନୀ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ପ୍ରତିଷ୍ଠାନ ଏବଂ ଉପକୂଳବର୍ତ୍ତୀ ରାଡାର ସିଷ୍ଟମକୁ ଟାର୍ଗେଟ କରିଛନ୍ତି । ସେ ଅଭିଯୋଗ କରିଛନ୍ତି ଯେ, ଇରାନ ପୁଣିଥରେ ଅସ୍ତ୍ରବିରତି ଚୁକ୍ତିନାମା ଉଲ୍ଲଂଘନ କରିଛି । ଟ୍ରମ୍ପ କହିଛନ୍ତି, ଆମେରିକା ଏପର୍ଯ୍ୟନ୍ତ ସଂଯମତା ଅବଲମ୍ବନ କରିଆସୁଛି, କିନ୍ତୁ ଯଦି ଇରାନ ଆକ୍ରମଣ ବନ୍ଦ ନ କରେ, ତେବେ ଆମେରିକା କଠୋର ପଦକ୍ଷେପ ଗ୍ରହଣ କରିବ ଯାହାର ଗମ୍ଭୀର ପରିଣାମ ହେବ । ଆମେରିକାର ସେନାର କେନ୍ଦ୍ରୀୟ କମାଣ୍ଡ ସେଣ୍ଟକମ୍ କହିଛି ଯେ ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶରେ ଏହି ଅଭିଯାନ କରାଯାଇଥିଲା । ଆମେରିକା ଦାବି କରିଛି ଯେ ଇରାନ ଏକ ଆତ୍ମଘାତୀ ଡ୍ରୋନ୍ ସାହାଯ୍ୟରେ ପାନାମା-ପତାକାଯୁକ୍ତ ତୈଳ ଟ୍ୟାଙ୍କର୍ ଏମ/ଟି କିକୁ ଉପରେ ଆକ୍ରମଣ କରିଥିଲା । ଜାହାଜଟି ହର୍ମୁଜ୍ ପ୍ରଣାଳୀ ଦେଇ ଗତି କରୁଥିଲା ଏବଂ ୨ ନିୟୁତ ବ୍ୟାରେଲ ଅଶୋଧିତ ତୈଳ ବୋହି ନେଉଥିଲା ।



## ଭେନେଜୁଏଲା ଭୂକମ୍ପ: ୫୨ ହଜାର ନିଖୋଜ

କାରାକାସ୍: ଭେନେଜୁଏଲାରେ ଜୁନ୍ ୨୫ରେ ଆସିଥିବା ଶକ୍ତିଶାଳୀ ଭୂକମ୍ପଜନିତ ବିପର୍ଯ୍ୟୟ ଅତି ଭୟାନକ ସ୍ଥିତି ସୃଷ୍ଟି କରିଛି । ପ୍ରକୃତିର ଏହି ପ୍ରଳୟଙ୍କରୀ ତାଣ୍ଡବରେ ମୃତ୍ୟୁସଂଖ୍ୟା ୧ ହଜାର ଅତିକ୍ରମ କରିଥିବା ବେଳେ ୫୨ ହଜାରରୁ ଅଧିକ ଲୋକ ଏବେ ମଧ୍ୟ ନିଖୋଜ ଅଛନ୍ତି । ଗତକାଲି ଭେନେଜୁଏଲାର ଉତ୍ତର ଉପକୂଳବର୍ତ୍ତୀ ଅଞ୍ଚଳରେ ଅନୁଭୂତ ହୋଇଥିବା ଆଉ ଏକ ୪.୯ ତୀବ୍ରତାର ନୂତନ କମ୍ପନ କାରାକାସ୍ ଏବଂ ମାରାକେ ସହରରେ କ୍ଷୟକ୍ଷତିର ପରିମାଣକୁ ଆହୁରି ବଢ଼ାଇ ଦେଇଛି । ଏହି ମହାସଙ୍କଟ ସମୟରେ ଭାରତ ସରକାର ସହାୟତାର ହାତ ବଢ଼ାଇ 'ଅପରେସନ୍ ଅମିସ୍ତାଦ୍' ଆରମ୍ଭ କରିଛନ୍ତି । ଏହା ଅଧୀନରେ ଭାରତ ପକ୍ଷରୁ ୩୫ ଟନ୍ ଜୀବନରକ୍ଷାକାରୀ ମେଡିକାଲ ସାମଗ୍ରୀ ଏବଂ ୪୧ ଜଣିଆ ମେଡିକାଲ ଟିମ୍ ପଠାଯାଇଛି । ଭାରତ ବ୍ୟତୀତ ଆମେରିକା ପକ୍ଷରୁ ଜରୁରୀ ସାମଗ୍ରୀ ଯୋଗାଇ ଦିଆଯାଉଥିବା ବେଳେ ମେକ୍ସିକୋ, କଲୋମ୍ବିଆ, ଏଲ୍ ସାଲଭାଡୋର, ସ୍ୱିଜରଲ୍ୟାଣ୍ଡ ଏବଂ ଜାତିସଂଘର ପ୍ରାୟ ୧,୦୦୦ ଜଣ ବିଶେଷଜ୍ଞ ଉଦ୍ଧାରକାରୀ



କର୍ମୀ ଭେନେଜୁଏଲାରେ ପହଞ୍ଚି ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରୁଛନ୍ତି । ବର୍ତ୍ତମାନ ସୁଦ୍ଧା ବିଭିନ୍ନ ଏଜେନ୍ସି ଦ୍ୱାରା ଧ୍ୱଂସାବଶେଷ ତଳୁ ୨୪୩ ଜଣଙ୍କୁ ଜୀବିତ ଉଦ୍ଧାର କରାଯାଇଛି । ଏଥିମଧ୍ୟରେ ଲା ଗୁଆଇରା ସହରର ଭଙ୍ଗା ଅଟ୍ଟାଳିକା ତଳୁ ଆଶ୍ଚର୍ଯ୍ୟଜନକ ଭାବେ ମୁକୁଳିଥିବା ଜଣେ ୧୫ ବର୍ଷର ନାବାଳିକା ଏବଂ ମାତ୍ର ୧୮ ଦିନର ଏକ ନବଜାତ ଶିଶୁ ସାମିଲ ଥିବା ଜଣାପଡ଼ିଛି । ହଜାର ହଜାର ଲୋକ ଏବେ ମଧ୍ୟ ଫସି ରହିଥିବାରୁ ଶୋକାକୁଳ ପରିବାର ଲୋକେ ସାଧାରଣ ସରଞ୍ଜାମ ସାହାଯ୍ୟରେ ନିଜେ ମାଟି ଓ କଂକ୍ରିଟ୍ ଖୋଳି ପ୍ରିୟଜନଙ୍କୁ ଖୋଜୁଛନ୍ତି । କାର୍ଯ୍ୟକାରୀ ରାଷ୍ଟ୍ରପତି ଡେଲସି ରୋଡ୍ରିଗଜ୍ ଉଦ୍ଧାରକାରୀ ଦଳର ମାର୍ଗକୁ ସର୍ବଦା ମୁକ୍ତ ରଖିବା ପାଇଁ ଜନସାଧାରଣଙ୍କୁ ବିପର୍ଯ୍ୟୟ ଅଞ୍ଚଳରୁ ଦୂରେଇ ରହିବାକୁ ଅନୁରୋଧ କରିଛନ୍ତି । ସେ କହିଛନ୍ତି ଯେ ଜୀବନ ବଞ୍ଚାଇବା ପାଇଁ ଏହା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟ । କାରାକାସ୍ ସାରା ଅସ୍ଥାୟୀ କ୍ୟାମ୍ପ ପ୍ରସ୍ତୁତ କରାଯାଇ ବାସହୀନ ପରିବାରଗୁଡ଼ିକ ପାଇଁ ଖାଦ୍ୟ, ପୋଷାକ ଓ ଅନ୍ୟ ଜରୁରୀ ସାମଗ୍ରୀ ବଣ୍ଟନ କରାଯାଉଥିଲେ ହେଁ ଏବେ ମଧ୍ୟ ସେଠାରେ ସ୍ୱାସ୍ଥ୍ୟ ଓ ଶୌଚ ସାମଗ୍ରୀର ବ୍ୟାପକ ଅଭାବ ଦେଖାଦେଇଛି । ଅନ୍ତର୍ଜାତୀୟ ରେସ୍କ୍ୟୁ କମିଟି ଚେତାବନୀ ଦେଇଛି ଯେ, ଦେଶର ପ୍ରାୟ ୬୭ ଲକ୍ଷ ଲୋକ ଏହି ଭୂକମ୍ପରେ ପ୍ରଭାବିତ ହୋଇଥିବାରୁ ସମ୍ପୂର୍ଣ୍ଣ ଭେନେଜୁଏଲା ଏବେ ଦଶନ୍ଧିର ସବୁଠାରୁ ବଡ଼ ମାନବୀୟ ସଙ୍କଟର ସାମ୍ନା କରୁଛି ।

## ସୁପ୍ରିମକୋର୍ଟରେ ୫୯ ବର୍ଷର ପୁରୁଣା ଜମି ବିବାଦର ଅନ୍ତ

ନୂଆଦିଲ୍ଲୀ: ଉତ୍ତରାଖଣ୍ଡର ହରିଦ୍ୱାରରେ ଛଅ ଦଶନ୍ଧି ଧରି ଚାଲିଥିବା ଚାରି ପିଢ଼ିର ଏକ ପୁରୁଣା ଜମି ବିବାଦର ଅବସାନ ଘଟାଇ ସୁପ୍ରିମକୋର୍ଟ ଐତିହାସିକ ରାୟ ଶୁଣାଇଛନ୍ତି । ସର୍ବୋଚ୍ଚ ଅଦାଲତ ଆବେଦନକାରୀ ସରାଫତ ଅଲୀଙ୍କ ପୂର୍ବପୁରୁଷଙ୍କ ଦ୍ୱାରା ୧୯୬୭ ମସିହାରେ କ୍ରୟ କରାଯାଇଥିବା ୧୫.୫ ବିଘା ଜମିର ପଞ୍ଜୀକୃତ ବିକ୍ରି ଦଲିଲ୍ର ବୈଧତାକୁ ସମ୍ପୂର୍ଣ୍ଣ ଭାବେ କାଏମ ରଖିଛନ୍ତି । ଏହି ଜଟିଳ ବିବାଦ ସେତେବେଳେ ଆରମ୍ଭ ହୋଇଥିଲା, ଯେତେବେଳେ ଆବେଦନକାରୀମାନେ ନାବାଳକ ଥିବା ସମୟରେ ୧୯୬୭ ଜୁନ୍ ୪ର ଏକ ପଞ୍ଜୀକୃତ ବିକ୍ରି ଦଲିଲ୍ ଆଧାରରେ ଜମି ଉପରେ ନିଜର ଦଖଲ ଦାବି କରିଥିଲେ । ୧୯୯୧ ମସିହାର ଚକବନ୍ଦୀ ପ୍ରକ୍ରିୟା ସମୟରେ ପ୍ରଥମେ ସେମାନଙ୍କର ଏହି ଅଧିକାରକୁ ସ୍ୱୀକୃତି ଦିଆଯାଇଥିଲା, ମାତ୍ର ପରବର୍ତ୍ତୀ ସମୟରେ ଅନ୍ୟ ସହ-ଅଂଶୀଦାରଙ୍କ ଆପତ୍ତି ଯୋଗୁଁ ଏହି ମାମଲା ପୁଣି ଥରେ ବିଚାର ପାଇଁ ଖୋଲାଯାଇଥିଲା । ୧୯୯୯ ମସିହାରେ ଚକବନ୍ଦୀ ଅଧିକାରୀ କେବଳ ସାକ୍ଷୀଙ୍କ ବିବରଣୀରେ ଥିବା ସାମାନ୍ୟ କେତେକ ବୈଷୟିକ ବ୍ୟତିକ୍ରମକୁ ଦର୍ଶାଇ 'ୟୁପି ଜମିଦାରୀ ଉଚ୍ଛେଦ ଓ ଭୂସଂସ୍କାର ଆଇନ'ର ଧାରା ୧୫୪ ଅନୁଯାୟୀ ଏହି ଦଲିଲ୍କୁ ଅବୈଧ ଘୋଷଣା କରିଥିଲେ । ଏହି ଆଦେଶ ବିରୋଧରେ ହୋଇଥିବା ପରବର୍ତ୍ତୀ ଅପିଲ୍ ତଳ ଅଦାଲତଗୁଡ଼ିକରେ ଖାରଜ ହୋଇଯାଇଥିଲା ଏବଂ ଶେଷରେ ୨୦୧୭ ମସିହାରେ ଆହ୍ଲାବାଦ ହାଇକୋର୍ଟ ମଧ୍ୟ ଆବେଦନକାରୀଙ୍କ ରିଟ୍ ପିଟିସନକୁ ଅଗ୍ରାହ୍ୟ କରିଦେଇଥିଲେ ।

## ପ୍ରଯୁକ୍ତି ଓ ଏଆଇକୁ ସୁଯୋଗ ଭାବେ ଗ୍ରହଣ କରିବା ଉଚିତ: ଉପରାଷ୍ଟ୍ରପତି

ନୂଆଦିଲ୍ଲୀ: ଉପରାଷ୍ଟ୍ରପତି ସି.ପି.ରାଧାକୃଷ୍ଣନ୍ ଶନିବାର ନୂଆଦିଲ୍ଲୀର ଡ. ଆମ୍ବେଦକର୍ ଅନ୍ତର୍ଜାତୀୟ କେନ୍ଦ୍ରଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଏମ୍ଏସ୍ଏମ୍ଇ ଦିବସ ୨୦୨୬ ପାଳନ ସମାରୋହରେ ଯୋଗ ଦେଇଛନ୍ତି । ଏହି ଅବସରରେ ଉପସ୍ଥିତ ଲୋକମାନଙ୍କୁ ସମ୍ବୋଧିତ କରି ସେ କହିଥିଲେ ଯେ, ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ) କେବଳ ଏକ ଅର୍ଥନୈତିକ ବର୍ଗ ନୁହେଁ, ବରଂ ଏହା ପ୍ରଥମ ପିଢ଼ିର ଉଦ୍ୟୋଗୀମାନଙ୍କ ସାହସ,



ଯୁବପିଢ଼ିଙ୍କ ଆକାଂକ୍ଷା, ମହିଳା ଉଦ୍ୟୋଗୀମାନଙ୍କ ଦୃଢ଼ ସଂକଳ୍ପ ଏବଂ ଆହ୍ୱାନକୁ ସୁଯୋଗରେ ପରିଣତ କରିଥିବା କୋଟି କୋଟି କ୍ଷୁଦ୍ର ବ୍ୟବସାୟର ସାମର୍ଥ୍ୟକୁ ପ୍ରତିଫଳିତ କରେ । 'ବିକଶିତ ଭାରତ @୨୦୪୭' ଆଡ଼କୁ ଭାରତର ଯାତ୍ରା ଏକ ସମୃଦ୍ଧ ଏବଂ ଗତିଶୀଳ ଏମଏସଏମଇ କ୍ଷେତ୍ର ଦ୍ୱାରା ହିଁ ଚାଳିତ ହେବ ବୋଲି ସେ କହିଥିଲେ । ନିଜର ଉଦ୍ୟୋଗୀ ଯାତ୍ରାର ଅଭିଜ୍ଞତା ବାଣ୍ଟି ଉପରାଷ୍ଟ୍ରପତି କହିଥିଲେ ଯେ, ସ୍ନାତକ ସମାପ୍ତ କରିବା ପରେ ସେ ନିଜ ପିତାଙ୍କ ଆର୍ଥିକ ସହାୟତାରେ ଏକ ଛୋଟ ପୋଷାକ ବ୍ୟବସାୟ ଆରମ୍ଭ କରିଥିଲେ ।

## ଦେଶର ପ୍ରଥମ ହାଇଡ୍ରୋଜେନ ଟ୍ରେନକୁ ମଞ୍ଜୁରୀ

### ଜର୍ମାନୀ, ଜାପାନ, ଚୀନ ଓ ଆମେରିକା ସହ ସମକକ୍ଷ ହେଲା ଭାରତ

ନୂଆଦିଲ୍ଲୀ, : ଭାରତୀୟ ରେଳବାଇ ପରିବେଶ ଅନୁକୂଳ ତଥା ପ୍ରଦୂଷଣମୁକ୍ତ ଯାତ୍ରା ଦିଗରେ ଏକ ଐତିହାସିକ ସଫଳତା ହାସଲ କରିଛି । ଦେଶର ପ୍ରଥମ ହାଇଡ୍ରୋଜେନ୍ ଫ୍ୟୁଲ୍ ସେଲ୍ ଚାଳିତ ଟ୍ରେନ୍ ଚଳାଚଳକୁ ସରକାରୀ ଭାବରେ ଅନୁମୋଦନ ମିଳିଛି । ଏହି ଟ୍ରେନ୍ ହରିୟାଣାର ଉତ୍ତର ରେଳବାଇ ଅନ୍ତର୍ଗତ ଜିନ୍ଦ-ସୋନିପତ ରୁଟରେ ଚାଲିବ । ବ୍ରଡ୍-ଗେଜ୍ ରେଳ ନେଟୱାର୍କରେ ଏହା ବିଶ୍ୱର ସବୁଠାରୁ ଲମ୍ବା ଏବଂ ଶକ୍ତିଶାଳୀ ହାଇଡ୍ରୋଜେନ୍ ଟ୍ରେନ୍ ବୋଲି କୁହାଯାଉଛି । ଏହି ବଡ଼ ପଦକ୍ଷେପ ସହ ଭାରତ ଏବେ ଜର୍ମାନୀ, ଜାପାନ, ଚୀନ ଏବଂ ଆମେରିକା ଭଳି ବିଶ୍ୱର ସେହି ସୀମିତ ଦେଶଗୁଡ଼ିକର କ୍ଲବ୍ରେ ସାମିଲ ହୋଇଛି, ଯେଉଁଠି ହାଇଡ୍ରୋଜେନ୍ ଚାଳିତ ରେଳ ବ୍ୟବସ୍ଥା ଉପରେ କାର୍ଯ୍ୟ କରୁଛନ୍ତି । ଏହି ଟ୍ରେନରେ ମୋଟ ୧୦ଟି କୋଚ୍ ବା ବଗି ରହିବ । ଏଥିରେ ୧,୨୦୦ କିଲୋୱାଟ୍ର ହାଇଡ୍ରୋଜେନ ଫ୍ୟୁଲ୍ ସେଲ୍ ପ୍ରୋପଲସନ୍ ସିଷ୍ଟମ ବ୍ୟବହାର କରାଯାଇଛି । ଟ୍ରେନର ଆଗ ଓ ପଛରେ ଦୁଇଟି ଡ୍ରାଇଭିଂ ପାୱାର କାର୍ ରହିବ । ପ୍ରତ୍ୟେକ କାର୍ ୧,୨୦୦ କିଲୋୱାଟ୍ ଲେଖାଏଁ ଶକ୍ତି ଉତ୍ପାଦନ କରିବେ, ଯାହାଫଳରେ ଟ୍ରେନ୍ର ମୋଟ ଶକ୍ତି ୨,୪୦୦ କିଲୋୱାଟ୍ ହେବ । ବାକି ୮ଟି କୋଚ୍ ଯାତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ । ବ୍ୟବସାୟିକ ଭାବରେ ଏହି ଟ୍ରେନ୍ ଘଣ୍ଟାପ୍ରତି ୭୫ କିଲୋମିଟର ବେଗରେ ଚାଲିବ । ତେବେ ଏହାର ଗତି ଘଣ୍ଟାପ୍ରତି ୧୨୦ କିଲୋମିଟର ପର୍ଯ୍ୟନ୍ତ ଯାଇପାରେ । ମାତ୍ର ଥରେ ହାଇଡ୍ରୋଜେନ୍ ଇନ୍ଧନ ଭରିବା ଦ୍ୱାରା ଏହି ଟ୍ରେନ୍ ପ୍ରାୟ ୨୫୦ କିଲୋମିଟର ପର୍ଯ୍ୟନ୍ତ ସହଜରେ ଯାତ୍ରା କରିପାରିବ । ଏହି ପ୍ରଯୁକ୍ତିବିଦ୍ୟାରେ ହାଇଡ୍ରୋଜେନ ଏବଂ ଅମ୍ଳଜାନ ମଧ୍ୟରେ ଏକ ରାସାୟନିକ ପ୍ରତିକ୍ରିୟା କରାଯାଇ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରାଯାଏ । ଏହି ପ୍ରକ୍ରିୟାରେ କୌଣସି ବିଷାକ୍ତ ଗ୍ୟାସ୍ ବା ଧୂଆଁ ବାହାରେ ନାହିଁ । ଏହାର ଏକମାତ୍ର ବାହ୍ୟ ଉତ୍ପାଦ ହେଉଛି ଜଳୀୟ ବାଷ୍ପ ଏବଂ ସାମାନ୍ୟ ଉତ୍ତାପ । ସରଳ ଭାଷାରେ କହିଲେ, ଏହି ଟ୍ରେନ୍ ଚାଲୁଥିବା ସମୟରେ ନିଜ ଭିତରେ ହିଁ ନିଜ ପାଇଁ ବିଦ୍ୟୁତ୍ ସୃଷ୍ଟି କରିଥାଏ । ଡିଜେଲ୍ କିମ୍ବା ଅନ୍ୟାନ୍ୟ ଜୀବାଶ୍ମ ଇନ୍ଧନ ତୁଳନାରେ ଏହା ସମ୍ପୂର୍ଣ୍ଣ ପ୍ରଦୂଷଣମୁକ୍ତ ଏବଂ ପରିବେଶ ଉପଯୋଗୀ । ଟ୍ରେନ୍ର ସମ୍ମୁଖ ଭାଗରେ ୨୭ଟି ଏବଂ ପଛ ଭାଗରେ ୨୭ଟି ହାଇଡ୍ରୋଜେନ୍ ସିଲିଣ୍ଡର ସୁରକ୍ଷିତ ଭାବେ ସ୍ଥାପନ କରାଯାଇଛି । ଟ୍ରେନ୍ ଭିତରେ ଇନ୍ଧନ ସିଲିଣ୍ଡର, ବ୍ୟାଟେରୀ ଏବଂ କଣ୍ଟ୍ରୋଲ ସିଷ୍ଟମ ପାଇଁ ସ୍ୱତନ୍ତ୍ର ସ୍ଥାନ ସଂରକ୍ଷିତ ରଖାଯାଇଛି । ଏହି ଟ୍ରେନକୁ ଇନ୍ଧନ ଯୋଗାଇବା ପାଇଁ ହରିୟାଣାର ଜିନ୍ଦଠାରେ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏକ ହାଇଡ୍ରୋଜେନ ଷ୍ଟୋରେଜ୍ ଏବଂ ରିଫ୍ୟୁଲିଂ କେନ୍ଦ୍ର ସ୍ଥାପନ କରାଯାଇଛି ।




## ଭାରତ-ବାଂଲାଦେଶ ସୀମାରେ ପୁଣି ଉତ୍ତେଜନା

### ବିଏସଏଫ-ବିଜିବି ମୁହାଁମୁହିଁ

ଗୁଆହାଟୀ : ଆସାମର ଶ୍ରୀଭୂମି ଜିଲ୍ଲାର ଭାରତ-ବାଂଲାଦେଶ ସୀମାରେ ଅନୁପ୍ରବେଶ ନେଇ ଉତ୍ତେଜନା ଦେଖାଦେଇଛି । ଫଳରେ ସୀମା ସୁରକ୍ଷା ବଳ(ବିଏସଏଫ) ଏବଂ ସୀମା ସୁରକ୍ଷା ବାଂଲାଦେଶ (ବିଜିବି) ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି । ବିଜିବି ଭାରତୀୟ ପାର୍ଶ୍ୱକୁ ବନ୍ଧୁକ ଦେଖାଇଥିବା ସୂଚନା ମିଳିଛି । ବହୁ ସଂଖ୍ୟକ ବାଂଲାଦେଶୀ ଅସ୍ତ୍ରଶସ୍ତ୍ର ଧରି ସୀମାରେ ବିଏସଏଫକୁ ବାରମ୍ବାର ଧମକ ଦେଇଥିବା କୁହାଯାଉଛି । ଏହି ଘଟଣା ବିଲାବାରୀ ସୀମାନ୍ତ ଅଞ୍ଚଳରେ ଘଟିଛି । ଫଳରେ ଉତ୍ତେଜନା ସୃଷ୍ଟି ହୋଇଛି । ରିପୋର୍ଟ ଅନୁଯାୟୀ, ନ୍ୟୁ ପଲ୍ଲାଥଲ ଅଞ୍ଚଳରେ ସୀମାରେ ବାଂଲାଦେଶୀ ଅନୁପ୍ରବେଶ ରୋକାଯିବା ପରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିଲା । ସୀମା ନିକଟବର୍ତ୍ତୀ ଗ୍ରାମଗୁଡ଼ିକର ଗ୍ରାମବାସୀମାନେ ଛୁରୀ, ଲାଠି ଏବଂ ବାଉଁଶ ବାଡି ଧରି ବିଜିବିର ସମର୍ଥନରେ ଏକତ୍ରିତ ହୋଇ ଅସ୍ତ୍ରଶସ୍ତ୍ର ଦେଖାଇ ବିଏସଏଫକୁ ଧମକ ଦେଇଥିବା କୁହାଯାଉଛି । ରିପୋର୍ଟ ଅନୁଯାୟୀ, ବିଜିବିର ପଲ୍ଲାଥଲ ସୀମା ଆଉଟପୋଷ୍ଟର ସୈନିକମାନେ ଲାଉଡସ୍ପିକର ମାଧ୍ୟମରେ ବିଏସଏଫକୁ ବାରମ୍ବାର ଚେତାବନୀ ଦେଇଥିଲେ । ସେମାନଙ୍କୁ ସୀମାରୁ ଦୂରେଇ ଯିବାକୁ ଅନୁରୋଧ କରିଥିଲେ । ବିଜିବି ଏହା ମଧ୍ୟ ଚେତାବନୀ ଦେଇଥିଲା ଯେ ଯଦି ପରିସ୍ଥିତି ଆହୁରି ବିଗିଡ଼ିଯାଏ ଏବଂ ଲୋକଙ୍କୁ ହଟା ନଯାଏ ନାହିଁ, ତେବେ ସେମାନଙ୍କୁ ଗୁଳି ଚଳାଇବାକୁ ପଡ଼ିପାରେ । ଏହି ଘଟଣା ଶ୍ରୀଭୂମି ଜିଲ୍ଲାରେ ଅନ୍ତର୍ଜାତୀୟ ସୀମାରେ ଉତ୍ତେଜନାକୁ ବୃଦ୍ଧି କରିଛି । ଏହି ଘଟଣା ଆସାମର ଶ୍ରୀଭୂମି ଜିଲ୍ଲାର ବିଲାବାରୀ ସୀମାରେ ଘଟିଛି, ଯେଉଁଠାରେ ଭାରତୀୟ ସୁରକ୍ଷା କର୍ମୀମାନେ ବାଂଲାଦେଶୀ ନାଗରିକଙ୍କ ଏକ ଗୋଷ୍ଠୀକୁ ନ୍ୟୁ ପାଲାଥୋଲ ଅଞ୍ଚଳ ଆଡ଼କୁ ବାଂଲାଦେଶ ଭିତରକୁ ଠେଲିଦେବାକୁ ଚେଷ୍ଟା କରିଥିବା ଅଭିଯୋଗ ହୋଇଛି । ବିଜିବି ଏହି ପଦକ୍ଷେପର ପ୍ରତିବାଦ କରିଥିଲା ଏବଂ ଏହି ଗୋଷ୍ଠୀକୁ ନିଜ ଅଞ୍ଚଳରେ ପ୍ରବେଶ କରିବାକୁ ଅନୁମତି ଦେବାକୁ ମନା କରିଥିଲା ।



## ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ସହାୟତା ପ୍ରଦାନ

କାଏମା, ୩୦/୬(ଆପଣଙ୍କ ସ୍ୱର) :ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ଅସହାୟ, ଗରିବ ଓ ଖଟିଖିଆ ଲୋକଙ୍କ ଅସୁବିଧା ସମୟରେ ସ୍ଥାନୀୟ ବିଧାୟକ ହିମାଂଶୁ ଶେଖର ସାହୁଙ୍କ ନିର୍ଦ୍ଦେଶକ୍ରମେ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ସହାୟତା ଯୋଗାଇ ଦିଆଯାଉଛି । ମସ୍ତିଷ୍କାଘାତରେ ପୀଡିତ ଚୋରମୁହାଁ ଗ୍ରାମର ପୂର୍ଣ୍ଣଚନ୍ଦ୍ର ବେହେରା, ମଧୁମେହ ରୋଗରେ ପୀଡିତ ବୃନ୍ଦାଦେଇପୁର – ପଞ୍ଚାୟତ ଶାସନ ଗ୍ରାମର ଅଇଁଠୁ ଚରଣ ଭୁତିଆ, ଆଜମା ଓ ପେଟ ରୋଗରେ ପୀଡିତ ଉତ୍ତରପ୍ରତାପ ପଞ୍ଚାୟତ ଜଳେଶ୍ୱରପୁର ଗ୍ରାମର ଆନନ୍ଦ ଚନ୍ଦ୍ର ସାହୁ, ରକ୍ତଚାପ ଓ ଗ୍ୟାସ ରୋଗରେ ପୀଡିତ ବିଛାଖଣ୍ଡି ଗ୍ରାମର ଝରଣା ଦାସ, ଅସହାୟ ପରିବାର ଚହଟା ଗ୍ରାମର ସୁଲୋଚନା ମଲିକ, ପାରାଲିସିସରେ ଆକ୍ରାନ୍ତ ଚହଟାର ବଂଶୀଧର ମହାରଣାଙ୍କୁ ପକ୍ଷରୁ ଔଷଧ ସହ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି ।

## ପ୍ରଥମ ପୃଷ୍ଠାରୁ ଅବଶିଷ୍ଟାଂଶ

### ସେପ୍ଟେମ୍ବରରେ...

ମୋଦି । ତେଣୁ ମନ୍ତ୍ରିମଣ୍ଡଳ ଅଦଳବଦଳ ଏବେ ଏହା ପ୍ରମୁଖ ମାନଦଣ୍ଡ ହୋଇପାରେ । ଏହାବାଦ ବିଜେପି ଯୁବ ନେତୃତ୍ୱ ଉପରେ ଗୁରୁତ୍ୱ ଦେଉଥିବାରୁ କ୍ୟାବିନେଟ୍ରେ ମଧ୍ୟ ନୂଆ ଯୁବ ଚେହେରାଙ୍କୁ ସୁଯୋଗ ମିଳିପାରେ । ବର୍ତ୍ତମାନ କେନ୍ଦ୍ର କ୍ୟାବିନେଟରେ ୭୦ରୁ ୮୦ ବର୍ଷ ବୟସ ବର୍ଗର ୮ ଜଣ ମନ୍ତ୍ରୀ ଅଛନ୍ତି ।

### ସ୍ନାନବେଦୀରୁ...

ସେବକମାନେ ଟେରା ବାନ୍ଧି ଶୋଧ କରିଥିଲେ । ଜଗଦଗୁରୁ ଶଙ୍କରାଚାର୍ଯ୍ୟ ଦର୍ଶନ ସାରି ଶ୍ରୀମନ୍ଦିରରୁ ପ୍ରତ୍ୟାବର୍ତ୍ତନ ପରେ ଗଜପତି ମହାରାଜ ପାରମ୍ପରିକ ରୀତିରେ ଶ୍ରୀନଅରରୁ ଛେରାପହଁରା ପାଇଁ ବିଜେ କରିଥିଲେ । ସାଢ଼େ ୩ଟାରେ ଗଜପତି ରାଜନୀତି ଓ ସ୍ନାନମଣ୍ଡପ ଛେରାପହଁରା କରିଥିଲେ ଏହା ପରେ ହାତୀବେଶ ଅନୁଷ୍ଠିତ ହୋଇଛି ।

### ବିଜେଡିରେ...

ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ । ନବୀନ ସ୍ପଷ୍ଟ କରିଛନ୍ତି ଯେ, ସେ ଆଗାମୀ ନିର୍ବାଚନ ଲଢ଼ିବେ ଏବଂ ବିଜେଡି ତାଙ୍କରି ନେତୃତ୍ୱରେ ହିଁ ନିର୍ବାଚନ ମଇଦାନକୁ ଓହ୍ଲାଇବ ।

ନବୀନ ହିଁ ଦଳର ନେତା ଓ ପରିଚାଳକ । ତାଙ୍କ ନେତୃତ୍ୱରେ ଦଳ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଓଡ଼ିଶାବାସୀଙ୍କ ସେବା କରିଆସୁଛି । ନବୀନଙ୍କ କାର୍ଯ୍ୟଧାରା ଜାତୀୟ ସ୍ତରରେ ଓଡ଼ିଶାକୁ ସ୍ୱତନ୍ତ୍ର ପରିଚିତ କରିଛି । ନବୀନଙ୍କ ନେତୃତ୍ୱ ରହିଛି ଓ ରହିଥିବ । ଆଗାମୀ ନିର୍ବାଚନରେ ବିଜେଡି ନବୀନଙ୍କ ନେତୃତ୍ୱରେ ହିଁ ଭୋଟ୍ ଲଢ଼ିବ । ପୂର୍ବତନ ଆଇଏଏସ ଅଧିକାରୀ ଶ୍ରୀମତୀ ସୁଜାତା ରାଉତଙ୍କୁ ବିଜୁ ଜନତା ଦଳର ସଦସ୍ୟତା ପ୍ରଦାନ ପରେ ଗଣମାଧ୍ୟମକୁ ଉଦବୋଧନ ଦେଇ ବିଜେଡି ସୁପ୍ରିମୋ ଏହା ସ୍ପଷ୍ଟ କରିଛନ୍ତି । ବିଜୁ ଜନତା ଦଳରେ ମିଶିବା ପରେ ସୁଜାତା କାର୍ତ୍ତିକେୟନ ନିଜର ପ୍ରତିକ୍ରିୟା ଦେଇଛନ୍ତି । ସେ କହିଛନ୍ତି, ନବୀନ ବାବୁଙ୍କ ନେତୃତ୍ୱରେ ଓଡିଶାବାସୀଙ୍କ ସେବା କରିବି । ଦୀର୍ଘ ୨୪ ବର୍ଷ ଧରି ମୋତେ ସୁଯୋଗ ମିଳିଥିଲା ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାର ସେବା କରିବା ପାଇଁ । ଆଜି ବିଜେଡିରେ ସେହିପରି ସେବାର ସୁଯୋଗ ମିଳିଛି । ଜଗନ୍ନାଥ ଓ ବିଜେଡି କର୍ମୀଙ୍କ ଆଶୀର୍ବାଦରେ ମୁଁ ନିଷ୍ଠାର ସହ କାମ କରିବି ବୋଲି କହିଛନ୍ତି ସୁଜାତା ରାଉତ କାର୍ତ୍ତିକେୟନ ।

୨୦୦୦ ମସିହା ବ୍ୟାଚର IAS ଅଫିସର ହେଉଛନ୍ତି ସୁଜାତା କାର୍ତ୍ତିକେୟନ । ସୁନ୍ଦରଗଡ଼ରେ ଜିଲ୍ଲାପାଳ ଥିବାବେଳେ ଛାତ୍ରୀଙ୍କ ପାଇଁ ସାଇକେଲ ଯୋଜନା ଆରମ୍ଭ କରିଥିଲେ । ସେହିପରି ୨୦୦୬ ରେ ମଧ୍ୟାହ୍ନ ଭୋଜନ (MDM) ରେ ଅଣ୍ଡା ସାମିଲ କରିବାରେ ସେ ଥିଲେ ପ୍ରମୁଖ ବିନ୍ଧାଣୀ, ଯାହା ପରେ ସମଗ୍ର ରାଜ୍ୟରେ ଲାଗୁ ହୋଇଥିଲା । ସୁନ୍ଦରଗଡ଼ରେ ସେ ବିଶେଷ କରି ଫୁଟବଲ ଏବଂ ହକି ଖେଳକୁ ପ୍ରୋତ୍ସାହିତ କରି 'ଫୁଟବଲ କଲେକ୍ଟର' ଭାବେ ଲୋକପ୍ରିୟତା ହାସଲ କରିଥିଲେ ।

କଟକ ଜିଲ୍ଲାର ପ୍ରଥମ ମହିଳା ଜିଲ୍ଲାପାଳ ଭାବେ ସେ ଗର୍ଭବତୀ ମହିଳାଙ୍କ ସହାୟତା ପାଇଁ 'ମମତା ଯୋଜନା' ଆରମ୍ଭ କରିଥିଲେ । ଏହାବ୍ୟତୀତ ଓଡ଼ିଶାରେ ମହିଳା ସଶକ୍ତୀକରଣର ଅନ୍ୟତମ ପ୍ରମୁଖ ଯୋଜନା ମିଶନ ଶକ୍ତିରସେ ନେତୃତ୍ୱ ନେଇଥିଲେ । ତାଙ୍କ ସଫଳ ନେତୃତ୍ୱରେ ଏହି ଯୋଜନାରେ ୭୦ ଲକ୍ଷ ମହିଳା ସାମିଲ ହୋଇଥିଲେ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (SHG) ଗୁଡ଼ିକର ଋଣ ପ୍ରଦାନ ପରିମାଣ ୭ ବର୍ଷ ମଧ୍ୟରେ ୫୦୦ କୋଟି ଟଙ୍କାରୁ ୧୫,୦୦୦ କୋଟି ଟଙ୍କା କୁ ବୃଦ୍ଧି ପାଇଥିଲା ।

## ଡେବ୍ୟୁରେ କମାଲ କଲା କେପ ଭର୍ଦେ

ନୂଆଦିଲ୍ଲୀ: ଫିଫା ବିଶ୍ୱକପରେ କମାଲ କରିଛି ଡେବ୍ୟୁଟାଣ୍ଟ କେପ ଭର୍ଦେ । ଚଳିତ ବର୍ଷ ପ୍ରଥମ ଥର ପାଇଁ ବିଶ୍ୱର ସବୁଠାରୁ ଛୋଟ ପଶ୍ଚିମ ଆଫ୍ରିକୀୟ ଦେଶ କେପ ଭର୍ଦେ ଫିଫା ବିଶ୍ୱକପରେ ଡେବ୍ୟୁ କରିଥିଲା । ଏବେ ଦଳ ଐତିହାସିକ ସଫଳତା ସହ ଉରୁଗୁଏ ଭଳି ଦେଶକୁ ପଛରେ ପକାଇ ନକଆଉଟରେ ପ୍ରବେଶ କରିଛି । ଗ୍ରୁପ ଏଚ୍ର ଶେଷ ଲଢ଼େଇରେ ଅପେକ୍ଷାକୃତ ଶକ୍ତିଶାଳୀ ସାଉଦି ଆରବ ସହ ମ୍ୟାଚ୍କୁ ୦-୦ରେ ଡ୍ର ରଖି କାପେ ଭର୍ଦେ ଏହି ଐତିହାସିକ ସଫଳତା ହାସଲ କରିଛି । ସେହିପରି ସ୍ପେନ ଠାରୁ ୦-୧ରେ ହାରି ଉରୁଗୁଏ ଚଳିତ ବିଶ୍ୱକପରୁ ବାଦ ପଡ଼ିଛି ।

ବିଶ୍ୱକପରେ ପ୍ରଥମ ଥର ପାଇଁ ଖେଳୁଥିବା କେପ୍ ଭର୍ଦେ ଗ୍ରୁପ୍ ପର୍ଯ୍ୟାୟରେ ତିନୋଟି ମ୍ୟାଚ୍ରେ ଡ୍ର କରି ମୋଟ ୩ ପଏଣ୍ଟ ସହ ଗ୍ରୁପ୍ ଏଚ୍ରୁ ଦ୍ୱିତୀୟ ଦଳ ଭାବେ ରାଉଣ୍ଡ ଅଫ୍ ୩୨କୁ ପ୍ରବେଶ କରିଛି ।

ଜୁଲାଇ ୩ରେ କାପେ ଭାର୍ଦେ ମିଆମିରେ ଡିଫେଣ୍ଡିଂ ଚାମ୍ପିୟନ୍ ଆର୍ଜେଣ୍ଟିନାକୁ ଭେଟିବ । ଏହି ଗ୍ରୁପରେ ସ୍ପେନ୍ ୭ ପଏଣ୍ଟ ସହ ଶୀର୍ଷ ସ୍ଥାନ ଦଖଲ କରିଛି । ଉରୁଗୁଏ ଓ ସାଉଦି ଆରବ ୨ ପଏଣ୍ଟ ଲେଖାଏ ପାଇ ଟୁର୍ଣ୍ଣାମେଣ୍ଟରୁ ବିଦାୟ ନେଇଛନ୍ତି ।

ଶେଷ ଗ୍ରୁପ୍ ମ୍ୟାଚ୍ ପୂର୍ବରୁ କେପ୍ ଭର୍ଦେ ଜାଣିଥିଲା ଯେ ଉରୁଗୁଏକୁ ଯଦି ସ୍ପେନ୍ ହରାଇ ଦେଉଛି, ତା'ହେଲେ ପରବର୍ତ୍ତୀ ରାଉଣ୍ଡକୁ ଯିବା ପାଇଁ ଦଳକୁ ସାଉଦି ବିପକ୍ଷରେ କେବଳ ଡ୍ର ଦରକାର । ଏହାକୁ କେପ ଭର୍ଦେ ସଫଳତାର ସହ ହାସଲ କରିଛି । ନକ୍ଆଉଟ୍ ପର୍ଯ୍ୟାୟକୁ ଯିବା ପାଇଁ ସାଉଦି ଆରବକୁ ଏହି ମ୍ୟାଚ୍ ଜିତିବାର ଆବଶ୍ୟକ ଥିଲା । କିନ୍ତୁ ଦଳ ଡେବ୍ୟୁଟାଣ୍ଟ ଭର୍ଦେକୁ ମାତ ଦେଇପାରି ନାହିଁ ।

ନିଜ ମ୍ୟାଚ୍ ଶେଷ ହେବା ପରେ କେପ୍ ଭର୍ଦେର ଖେଳାଳି ଓ ଅନ୍ୟ ସଦସ୍ୟମାନେ ମୋବାଇଲ୍ ଫୋନ୍ରେ ସ୍ପେନ୍-ଉରୁଗୁଏ ମ୍ୟାଚ୍ର ଶେଷ ମୁହୂର୍ତ୍ତକୁ ଦେଖୁଥିଲେ । ସ୍ପେନ୍ର ବିଜୟ ନିଶ୍ଚିତ ହେବା ମାତ୍ରେ ସେମାନେ ସେଲିବ୍ରେସନ ଆରମ୍ଭ କରିଥିଲେ । ଷ୍ଟାଡିୟମରେ ଉପସ୍ଥିତ ଫ୍ୟାନ୍ସଙ୍କ ଖୁସି ମଧ୍ୟ ଦୁଇ ଗୁଣ ହୋଇଯାଇଥିଲା ।

କେପ ଭର୍ଦେ ପ୍ରଥମ ମ୍ୟାଚ୍କୁ ସ୍ପେନ ସହ ଡ୍ର ରଖିଥିଲା । ଦଳର ୪୦ ବର୍ଷୀୟ ଗୋଲକିପର କମାଲ କରିଥିଲେ । ଏହାପରେ ଉରୁଗୁଏ ସହ ମ୍ୟାଚ୍ ମଧ୍ୟ ୨-୨ରେ ଡ୍ର ହୋଇଥିଲା । ଏବେ ସାଉଦି ସହ ଡ୍ର ରଖି ଦଳ ନକଆଉଟ୍କୁ ଯାଇଛି ।



## वैभव सूर्यवंशी को खलिाने पर टीम प्रबंधन और दग्गिजों में मतभेद

नई दल्लिी : 15 साल के वैभव सूर्यवंशी को भारतीय टीम के अंतमि एकादश में जगह देने पर अब भी मतभेद बरकरार है। एक तरफ जहां पूरा भारतीय जनमानस वैभव को आयरलैंड के वरि्द्ध ही खलिाने की आवाज उठा रहा था तो वहीं टीम प्रबंधन को अब भी लगता है कि इस साल भारत को टी-20 वश्वि कप में जीत दलिाने वाले ओपनर संजू सैमसन व अभषिक शर्मा को लंबे समय तक मौका मलिना चाहए।

भारतीय दग्गिज सुनील गावस्कर का भी मानना है कि सूर्यवंशी को मौका मलिना चाहए था। टी-20 वश्वि कप चैंपयिन भारतीय टीम आयरलैंड के वरि्द्ध पहली बार टी-20 सीरीज हार गई जसि पर वश्विास करना बहुत मुश्कलि काम है। यह हार भारतीय टीम के दामन में एक दाग लगाकर गई है।

भारतीय टीम के सहायक कोच रयान टेन डोएशे ने स्वीकार कयिा कि उन्हें वश्विास नही हो रहा है कि हमारी टीम दोनों मैच में हार गई। उन्होंने माना कि उनके खलिाड़ी परस्थितियिों के अनुकूल ढलने में नाकाम रहे। आयरलैंड ने पहला मैच 34 रन से जीता और इसके बाद श्रेयस अय्यर की अगुआई वाली भारतीय टीम को दूसरे मैच में एक रन से हराकर इतहिास रच दयिा।

भारतीय टीम को अब एक जुलाई से इंग्लैंड के वरि्द्ध पांच मैचों की टी-20 सीरीज खेलनी है। सवाल अब भी यही है कि सूर्यवंशी को अंतमि एकादश में कब मौका मलिेगा? आयरलैंड से मलिी दो अप्रत्याशति हार के बाद अब इसका एकमात्र स्पष्ट जवाब यही लगता है कि इसके लए कोई तरीका नकिाला जाए। दर्शक अंतरराष्ट्रीय मैच शुरू होने से कम से कम तीन घंटे पहले ही स्टेडयिम के गेट पर लाइन लगाने को तैयार रहते थे। वह



सब इस उम्मीद में थे कि 15 साल के इस खलिाड़ी को टीम में जगह मलिेगी।

गावस्कर ने भी कहा है कि आयरलैंड के वरि्द्ध सीरीज में आने से पहले वैभव सूर्यवंशी जसि तरह की फॉर्म में थे, उन्हें दोनों मैचों के लए चुना जा सकता था। आप एक-एक मैच में अभषिक और सैमसन को सूर्यवंशी के साथ ओपनगि में उतार सकते थे। प्रतभिाशाली युवाओं को आजमाने के लए यह एक अच्छा मंच था।

गावस्कर ने कहा कि सूर्यवंशी को एक जुलाई को इंग्लैंड में होने वाले पहले मैच में खेलना ही चाहए। उन्होंने जोर देकर कहा कि अगर आप पहले मैच में इंग्लैंड को चौंकाना चाहते हैं, तो सूर्यवंशी का खेलना जरूरी है। वहीं अगर टीम मैनेजमेंट सैमसन-अभषिक की जोड़ी को नहीं छेड़ना चाहता है, तो इशान कशिन समेत अन्य बल्लेबाजों को एक स्थान नीचे खसिकना होगा। नए क्रम में सूर्यवंशी तीसरे नंबर पर हो सकते हैं, उसके बाद कशिन चौथे, श्रेयस अय्यर पांचवें, तलिक वर्मा छठे, शवम दुबे सातवें और अक्षर पटेल आठवें नंबर पर आ सकते हैं। इंग्लैंड के वरि्द्ध पहले मैच से सूर्यांश शेडगे को बाहर कर दयिा जाए।

Scanned with OKEN Scanner

